Bhubaneswar, Tuesday, August 25, 2026
ଭୁବନେଶ୍ୱର,ମଙ୍ଗଳବାର,ଅଗଷ୍ଟ ୨୫, ୨୦୨୬
Vol-01, Issue-117
ବର୍ଷ-୦୧, ସଂଖ୍ୟା -୧୧୭

www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
«ଯୋଗାଯୋଗ»
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି: ୧୯ ପାଳି ସୁଦ୍ଧା ୯୫ ପ୍ରତିଶତ ସମାଧାନ



ଭୁବନେଶ୍ୱର,୨୪/୮ :ଆମ ଶାସନ ବ୍ୟବସ୍ଥାର ମୂଳନୀତି ହେଉଛି- ସହାନୁଭୂତି, ସମବେଦନା ଓ ସହୃଦୟତା। ଲୋକଙ୍କ ସମସ୍ୟା ଶୁଣି, ତା'ର ସମାଧାନ କରିବା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ଆଜି ୨୦ତମ ରାଜ୍ୟସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମ ଆଗରେ ବିବୃତି ରଖି କହିଛନ୍ତି।

ସୋମବାର ମୁଖ୍ୟମନ୍ତ୍ରୀ ସକାଳେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଂଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୧୦ଜଣ ବରିଷ୍ଠ ମନ୍ତ୍ରୀ ଏବଂ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ସମସ୍ୟାକୁ ସହୃଦୟତାର ସହ ଶୁଣି ତା'ର ସମାଧାନ କରିବାକୁ ଆମ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଯେଉଁଠି ଲୋକଙ୍କ ସମସ୍ୟା ଅଛି, ଆମ ସରକାର ସେଠାରେ ନିଶ୍ଚୟ ପହଂଚିଥାନ୍ତି। ବନ୍ୟା, ବାତ୍ୟା, ମରୁଡି ଆଦି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସବୁବେଳେ ଲୋକଙ୍କ ପାଖରେ ଆମେ ପହଂଚୁଛୁ ଓ ସେମାନଙ୍କୁ ସହାୟତା ପ୍ରଦାନ କରୁଛୁ। ୨୦୨୪ ମସିହାର ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ରୂପେ ଘୋଷଣା କରି ଆମେ ସହାୟତା ପ୍ରଦାନ କରିଥିଲୁ। ଚଳିତ ବନ୍ୟା ପାଇଁ ମଧ୍ୟ ସହାୟତା ପ୍ୟାକେଜ ପ୍ରଦାନ କରିଛୁ। ଆମ ସରକାର ଲୋକଙ୍କ ସୁଖ ଦୁଃଖରେ ଅଛି ଓ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜ୍ୟସ୍ତରରେ ଅନୁଷ୍ଠିତ ୧୯ଟି ପାଳିରେ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ୧୫,୩୨୭ ଅଭିଯୋଗ ମଧ୍ୟରୁ ୧୪,୫୧୯ ଅର୍ଥାତ ୯୫ ପ୍ରତିଶତ ଅଭିଯୋଗର ସଫଳ ସମାଧାନ କରାଯାଇସାରିଛି।

ଏଥି ସହିତ ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଭାବେ ଲୋକଙ୍କ ଆପତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି। ଜିଲ୍ଲାସ୍ତରରେ ଜୁଲାଇ ମାସ ଶେଷ ସୁଦ୍ଧା ୨,୬୯,୩୯୪ ଅଭିଯୋଗ ଶୁଣାଣି ହୋଇ ୮୭ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି। ଜିଲ୍ଲାସ୍ତରରେ ଅନେକ ସମସ୍ୟାର ସମାଧାନ ହୋଇଯାଉଥିବାରୁ ଲୋକଙ୍କୁ ଆଉ ଅଯଥା ହଇରାଣ ହେବାକୁ ପଡୁନାହିଁ। ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତନ ଫଳରେ ସରକାରଙ୍କ ଉପରେ ସାଧାରଣ ଲୋକଙ୍କ ଭରସା ଓ ଆସ୍ଥା ବହୁଗୁଣିତ ହୋଇଛି।

ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ଭିନ୍ନକ୍ଷମ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜୀକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ।


ବିଭିନ୍ନ ଦୁରାରୋଗ୍ୟ ରୋଗରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି : ପୀଡ଼ିତ ୧୬ ଜଣଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୧୪.୫୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ୬୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ, ପରିବେଶ ଓ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଂଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ 'ବେଟି ବଚାଓ, ବେଟି ପଢ଼ାଓ' ସମନ୍ୱୟ ବୈଠକ ଅନୁଷ୍ଠିତ

ଝାରସୁଗୁଡ଼, ୨୪/୮: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଡିଏମଏଫ୍ ଅଡିଟୋରିୟମ ହଲ୍ ?ଠାରେ ଜିଲ୍ଲା ସାମାଜିକ ମଙ୍ଗଳ ବିଭାଗ ପକ୍ଷରୁ 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନାର ଏକ ଜିଲ୍ଲାସ୍ତରୀୟ କନଭରଜେନ୍ସ ବୈଠକ ଗତ ୧୮ ତାରିଖ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗ ଏବଂ ଉପଜିଲ୍ଲାପାଳ ଶ୍ରୀ ସବ୍ୟସାଚୀ ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିରିକ୍ତ ଉପଜିଲ୍ଲାପାଳ ତଥା ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଭିକ୍ଟୋରିଆ ଏକ୍କା ସ୍ୱାଗତ ଭାଷଣ ପ୍ରଦାନ କରି ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ଭୋଇ ବାଳିକାମାନଙ୍କ ଉଚ୍ଚ ଶିକ୍ଷା, ନାରୀ ସଶକ୍ତୀକରଣ ଏବଂ ସମାଜରେ ମହିଳାମାନଙ୍କ ସମାନ ଅଧିକାର ତଥା ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ପ୍ରଶାସନ ସର୍ବଦା ତତ୍ପର ଥିବା ଉଲ୍ଲେଖ କରି ସେ ମହିଳା ହେଲ୍ପଲାଇନ ନମ୍ବର ୧୮୧, ଶିଶୁ ସୁରକ୍ଷା ହେଲ୍ପଲାଇନ ୧୦୯୮ ଏବଂ ଜରୁରୀକାଳୀନ ସେବା ୧୧୨ ର ବ୍ୟାପକ ପ୍ରଚାର ପ୍ରସାର କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସୋରେଙ୍ଗ ଏହି ଅଭିଯାନକୁ ଗ୍ରାମାଞ୍ଚଳ ଓ ତୃଣମୂଳ ସ୍ତରରେ ଅଧିକ ସକ୍ରିୟ ଭାବେ ପହଞ୍ଚାଇବା ଉପରେ ଜୋର ଦେଇଥିଲେ। ଉପଜିଲ୍ଲାପାଳ ଶ୍ରୀ ପଣ୍ଡା ବୈଠକକୁ ସମ୍ବୋଧିତ କରି ଜିଲ୍ଲାରେ ଶିଶୁ କନ୍ୟା ଲିଙ୍ଗାନୁପାତ ବୃଦ୍ଧି କରିବା, ସରକାରୀ ଯୋଜନାଗୁଡ଼ିକର ସଠିକ୍ କାର୍ଯ୍ୟକାରିତା ଏବଂ ଶିକ୍ଷା କ୍ଷେତ୍ରରେ ଝାରସୁଗୁଡ଼ାକୁ ରାଜ୍ୟ ତଥା ଦେଶରେ ଏକ 'ମଡେଲ ଜିଲ୍ଲା' ଭାବେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ, ଡିଏସପି ମନ୍ଦା ହାଁସଦା ମହିଳା ଓ କିଶୋରୀମାନଙ୍କୁ ସାଇବର ବୁଲିଇଙ୍ଗ୍ ଏବଂ ଅନଲାଇନ୍ ଠକେଇ ପ୍ରତି ସତର୍କ ରହିବା ନେଇ ସାଇବର ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

ଏହି ସମନ୍ୱୟ ବୈଠକରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ସଂଯୁକ୍ତା ମହାପାତ୍ର, ଆଇନ ବ୍ୟାପାର ପରିଚାଳକ ସୋମଦତ୍ତ ପୁରୋହିତ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରତିନିଧି ତଥା ପ୍ଲାନିଂ ସଂଯୋଜକ ସୁଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଡିପିଏମ ଡ. ପୁଷ୍ପଶ୍ରୀ ନାୟକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହଙ୍କ ସମେତ ବହୁ ସଂଖ୍ୟାରେ କିଶୋରୀ ବାଳିକା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ।



ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା ଓ ଧର୍ମଶାଳା ବିଧାୟକ ଶ୍ରୀ ହିମାଂଶୁ ଶେଖର ସାହୁ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସଂସଦୀୟ ଓ ବିଧାନ ସେବା କ୍ଷେତ୍ରର ବିକାଶ ସମ୍ପର୍କରେ ଆଲୋଚନା କରୁଛନ୍ତି ।

'ଓଡ଼ିଶା ଅର୍ବାନ୍ କନକ୍ଲେଭ-୨୦୨୬'

# ଭିତ୍ତିଭୂମି ବିକାଶ, ସମୃଦ୍ଧ ସହରର ଯୋଜନା ଓ କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱ




ଭୁବନେଶ୍ୱର,୨୪/୮: :ରାଜ୍ୟର ସହରାଞ୍ଚଳରେ ସୁଶାସନ, ଯୋଜନାବଦ୍ଧ ବିକାଶ ଓ ଉନ୍ନତ ନାଗରିକ ସେବାକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ଭୁବନେଶ୍ୱର ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟର ଅଡିଟୋରିୟମୀରେ 'ଓଡ଼ିଶା ଅର୍ବାନ୍ କନକ୍ଲେଭ-୨୦୨୬' ଅନୁଷ୍ଠିତ ହୋଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଏହି ସମୀକ୍ଷା ଓ ଦିଗଦର୍ଶନ କାର୍ଯ୍ୟକ୍ରମରେ ରାଜ୍ୟର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର କାର୍ଯ୍ୟଧାରା ସମୀକ୍ଷା କରାଯିବା ସହ ଆଗାମୀ ଦିନର ପ୍ରାଥମିକତା ନେଇ ବିସ୍ତୃତ ଆଲୋଚନା ହୋଇଛି ।ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ର ମାନ୍ୟବର ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର ମତାମତ ରଖିଥିଲେ ଯେ,ସହରାଞ୍ଚଳରେ ଜଳବନ୍ଦୀ ସମସ୍ୟା ଦୂର କରିବା ପାଇଁ , ବିଶେଷଜ୍ଞଙ୍କ ସହ ମିଶି ଡ୍ରେନେଜ୍ ସିଷ୍ଟମର ସୁଧାର ଓ ଜଳର ପୁନଃବ୍ୟବହାର (Reuse) ଉପରେ କାର୍ଯ୍ୟ କରାଯାଉଛି ।'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଏବଂ ଚଗଇଣ ୨.୦ ଅଧୀନରେ ଗରୀବ ଓ ଭୂମିହୀନଙ୍କ ପାଇଁ ଶୀଘ୍ର ଗୃହ ନିର୍ମାଣ ସହ 'ଟାଉନ୍ ପ୍ଲାନିଂ ସ୍କିମ୍' ଓ ୨୪/୭ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ତ୍ୱରାନ୍ୱିତ କରାଯାଉଛି।

ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ ପରିମଳ କର୍ମଚାରୀଙ୍କ ସୁରକ୍ଷା, ଆବାସ ଓ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ସରକାର ସଂକଳ୍ପବଦ୍ଧ ।ଏହି ଅଧିବେଶନରେ ଭିତ୍ତିଭୂମି ବିକାଶ, ସମୃଦ୍ଧ ସହରର ଯୋଜନା ଓ କାର୍ଯ୍ୟଦକ୍ଷତା ଉପରେ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ବିଭାଗ ପକ୍ଷରୁ ଉପସ୍ଥାପନ କରିଥିଲେ ।

ଏହି ଅଧିବେଶନରେ ବଜେଟ୍ ଓ ଆର୍ଥିକ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୌରସଂସ୍ଥାର ଗୁଡ଼ିକର ରାଜସ୍ୱ ବୃଦ୍ଧି, ବ୍ୟୟ ବିଶ୍ଳେଷଣ, ଭୂମିକା ଓ ଦାୟିତ୍ୱ ସହ କମ୍ ପ୍ରଦର୍ଶନ କରୁଥିବା ସଂସ୍ଥାଗୁଡ଼ିକର ସମୀକ୍ଷା କରାଯାଇଥିଲା ଓ ଟାୟାର-୨ ଏବଂ ଟାୟାର-୩ ସହରଗୁଡ଼ିକ ପାଇଁ ଟାଉନ ପ୍ଲାନିଂ ଯୋଜନାର ଏସଓପି , ସମୃଦ୍ଧ ସହର, ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ ଏବଂ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧୀନରେ ଭିତ୍ତିଭୂମି ବିକାଶ ଉପରେ ଆଲୋଚନା କରାଯାଇଅଛି ।

ସହର ଭିତ୍ତିଭୂମି ବିକାଶ ଅଧିବେଶନରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ପଥଚାରୀଙ୍କ ପାଇଁ ଅନୁକୂଳ ରାସ୍ତା, କ୍ଲଟ୍ ଅଧୀନରେ ଆମ ବସ୍ ସେବାର ସମ୍ପ୍ରସାରଣ ,ଅମୃତ-୨.୦ ଅଧୀନରେ ଜଳାଶୟ ପୁନରୁଦ୍ଧାର ଓ ଜଳାଶୟ ଅଞ୍ଚଳର ବିକାଶ ଆଦି ଉପରେ ଆଲୋଚନା ହୋଇଥିଲା। ଏଥିସହ ସହରରେ ବନ୍ୟା ନିୟନ୍ତ୍ରଣ, ପ୍ରକଳ୍ପର ଆନୁମାନିକ ଖର୍ଚ୍ଚ ଓ ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତି ନେଇ ବୈଷୟିକ ଆଲୋଚନା ହୋଇଥିଲା ଓ ପିଏମ୍ ? ସ୍ୱନିଧି, ସହରୀ ଗୃହହୀନଙ୍କ ପାଇଁ ଆଶ୍ରୟସ୍ଥଳ, ସହାୟତା ଓ ସହଯୋଗ ଏବଂ ଆହାର ଭଳି ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା।

ସେହିପରି ପିଏମ୍ ? ଆବାସ ଯୋଜନା-୨.୦, ପିଏମ୍ ? ଆବାସ ସହର ବନ୍ଧୁ, ସୁଲଭ ଭଡ଼ା ଆବାସ',ସୁଯୋଗ' ବ୍ୟବସ୍ଥାର ସମସ୍ୟା ଓ ଆଗାମୀ ପଦକ୍ଷେପ ଉପରେ ଏବଂ ସୁଲଭ ଆବାସ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସହରୀ ଗରିବ ଓ ଆବାସ ଆବଶ୍ୟକତା ଥିବା ଲୋକଙ୍କ ପାଇଁ ଯୋଜନାଗୁଡ଼ିକର ଫଳପ୍ରଦ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ରହିଥିଲା।

ନାଗରିକମାନଙ୍କୁ ସରକାରୀ ସେବା ଅଧିକ ସରଳ, ଶୀଘ୍ର ଓ ସ୍ୱଚ୍ଛ ଭାବେ ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ନାଗରିକଙ୍କ ପାଇଁ ସୁବିଧାଜନକ ଓ ସୁଲଭ ପରିବହନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉପରେ ଜୋର ଦିଆଯାଇଛି।

ସ୍ୱଚ୍ଛତା ଓ ବ୍ୟବହୃତ ଜଳ ପରିଚାଳନାରେ ଫୋକସ୍ ? ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ନଗର ସଂସ୍ଥା ପକ୍ଷରୁ ଶ୍ରେଷ୍ଠ ପ୍ରଚଳିତ ପଦ୍ଧତି ଉପରେ ଉପସ୍ଥାପନା କରାଯାଇଥିଲା। କମ୍ ପ୍ରଦର୍ଶନ କରୁଥିବା ନଗର ସଂସ୍ଥାଗୁଡ଼ିକୁ ପ୍ରତ୍ୟେକ ଅଧିବେଶନରେ ଡାକି ସେମାନଙ୍କ ସମସ୍ୟା, ଚ୍ୟାଲେଞ୍ଜ ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ନେଇ ସିଧାସଳଖ ଆଲୋଚନା କରାଯାଇଥିଲା।

ସମଗ୍ର ଭାବେ, ଯୋଜନାବଦ୍ଧ ସହରୀକରଣ, ଦକ୍ଷ ନଗର ପ୍ରଶାସନ, ଉନ୍ନତ ଭିତ୍ତିଭୂମି, ସ୍ୱଚ୍ଛତା, ଗୃହ ଓ ଗଣପରିବହନକୁ ଗୁରୁତ୍ୱ ଦେଇ ଓଡ଼ିଶାର ସହରଗୁଡ଼ିକୁ ଅଧିକ ସୁନ୍ଦର, ସ୍ୱଚ୍ଛ, ସୁସ୍ଥ ଓ ନାଗରିକ-ଅନୁକୂଳ କରିବା ଦିଗରେ ଏହି ନଗର ସମାବେଶ ଏକ ନୂଆ ଦିଗ ଦେଇଛି ।

ଏହି ସମ୍ମିଳନୀରେ ବରିଷ୍ଠ ପ୍ରଶାସକ, ନଗର ଯୋଜନାକାରୀ, ପୌର ପ୍ରତିନିଧି ଓ ଯନ୍ତ୍ରୀମାନେ ଏକତ୍ରିତ ହୋଇ ଜାରି ରହିଥିବା ଯୋଜନାଗୁଡ଼ିକର ସମୀକ୍ଷା କରିଥିଲେ ।

# କିର୍ମିରାରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ




ଝାରସୁଗୁଡ଼ା,୨୪/୮: ଜିଲ୍ଲାର କିର୍ମିରା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଜି. ଆର. ରାଘବେନ୍ଦ୍ର, ଜିଲ୍ଲା ପରିଷଦ ଉନ୍ନୟନ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଶକ୍ତି ପ୍ରସାଦ ପାଢ଼ୀ, କିର୍ମିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ଲାକ୍ରା, କିର୍ମିରକ୍ଷ ତହସିଲଦାର, ସହକାରୀ ଜିଲ୍ଲାପାଳ (ଅଭିଯୋଗ) ମୃତ୍ୟୁଞ୍ଜୟ ଶବରଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ଏହି ଶିବିରରେ ସମୁଦାୟ ୨୯ଟି ଅଭିଯୋଗ ପତ୍ର ଗୃହୀତ ହୋଇଥିଲା। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୬ଟି ସାମୂହିକ ସମସ୍ୟା ସମ୍ବଳିତ ଦରଖାସ୍ତ ରହିଥିଲା। ଦାଖଲ ହୋଇଥିବା ଅଭିଯୋଗଗୁଡ଼ିକ ମଧ୍ୟରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତୀକରଣ, ଜମିଜମା ବିବାଦ, ରାସ୍ତାଘାଟ ନିର୍ମାଣ ଓ ମରାମତି, ସରକାରୀ ଜମି ଜବରଦଖଲ ଉଚ୍ଛେଦ, ଜମି ସୀମା ନିର୍ଦ୍ଧାରଣ, ହିତାଧିକାରୀଙ୍କୁ ମାସିକ ୩୫ କେଜି ରାସନ ଚାଉଳ ଯୋଗାଣ ଏବଂ ବର୍ଷାଜନିତ ଘର କ୍ଷତିଗ୍ରସ୍ତ ସହାୟତା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଥିଲା। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସମସ୍ତ ଅଭିଯୋଗର ତଦନ୍ତ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନ୍ୟାୟୋଚିତ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ସମ୍ପାଦକୀୟ

## ରୁଷ-ୟୁକ୍ରେନ ଯୁଦ୍ଧ ଉଭୟଙ୍କ ପାଇଁ ଖରାପ

ଇତି ମଧ୍ୟରେ ଶାନ୍ତିଚୁକ୍ତି ବଳରେ ଇସ୍ରାଏଲ-ହମାସ ଏବଂ ଆମେରିକା-ଇରାନ ଯୁଦ୍ଧ ଏକ ପ୍ରକାର ବନ୍ଦ ହୋଇଯାଇଥିବାବେଳେ ଗତ ୨୦୨୨ ଫେବୃୟାରୀରୁ ଦୀର୍ଘ ଚାରି ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ୟୁକ୍ରେନ-ରୁଷ ଯୁଦ୍ଧ ଥମିବା ପରିବର୍ତ୍ତେ ଏବେ ଦିନକୁ ଦିନ ଉଗ୍ରରୂପ ନେବାରେ ଲାଗିଛି। ଉଭୟ ରାଷ୍ଟ୍ର ପରସ୍ପର ଉପରେ ଡ୍ରୋନ ଆକ୍ରମଣକୁ ଯୋରଦାର କରିଛନ୍ତି। ୟୁକ୍ରେନ ରୁଷର ଶକ୍ତି ତଥା ତୈଳ ପ୍ରକଳ୍ପଗୁଡିକ ଉପରେ ଡ୍ରୋନ ଆକ୍ରମଣ ଚଳାଇଥିବା ବେଳେ ରୁଷ ୟୁକ୍ରେନର ରାଜଧାନୀ କିବ୍ ସମେତ ଜନବସତିପୂର୍ଣ୍ଣ କୋଠାବାଡିଗୁଡିକ ଉପରେ ଆକ୍ରମଣ ଜାରି ରଖିଛି। ମିଳିଥିବା ତଥ୍ୟ ଅନୁଯାୟୀ, ୟୁକ୍ରେନ ଡ୍ରୋନ ଆକ୍ରମଣରେ ରୁଷର ତୈଳ ପ୍ରକଳ୍ପଗୁଡିକ ଉପରେ ଆକ୍ରମଣ ଏତେ ଭୟଙ୍କର ହୋଇଛି ଯେ, ବର୍ଷ ବର୍ଷ ଧରି ବିଶ୍ୱର ବହୁ ରାଷ୍ଟ୍ରଙ୍କୁ ତୈଳ ବିକ୍ରି କରିଆସୁଥିବା ମସ୍କୋ ଏବେ ବିଦେଶରୁ ତୈଳ ଆମଦାନୀ କରିବାକୁ ବାଧ ହୋଇଛି। ରୁଷ ଏବେ ବିଦେଶରୁ ତୈଳ ଆମଦାନୀ କରିବାକୁ ବାଧ ହୋଇଛି। ରୁଷ ଏବେ ଗୁରୁତର ତୈଳ ସଂକଟର ସମ୍ମୁଖୀନ ହୋଇଛି । କହିବା ବାହୁଲ୍ୟ ଯେ, ଦୀର୍ଘ ବର୍ଷ ବର୍ଷ ଧରି ରୁଷରୁ ଭାରତ ତୈଳ ଆମଦାନୀ କରୁଥିବାବେଳେ ଏବେ ଭାରତ ଠାରୁ କିଣୁଛି। ରୁଷରୁ ତୈଳ କିଣୁଥିବା ଭାରତ ଉପରେ ଟ୍ରମ୍ପ ପ୍ରଶାସନ ୨୫ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିଥିଲା। ରୁଷରେ ଏବେ ତୈଳ ସଂକଟର କେତେ ଗୁରୁତର ତାହା ସହଜରେ ଅନୁମାନ କରାଯାଇପାରେ। ସେହିପରି ୟୁକ୍ରେନର ରାଜଧାନୀ କିବ୍ ସମେତ ବହୁ ଜନଗହଳିପୂର୍ଣ୍ଣ ଅଂଚଳରେ ରୁଷର ଲଗାତାର ଡ୍ରୋନ ଆକ୍ରମଣ ଯୋଗୁଁ ଗତ ସପ୍ତାହକ ମଧ୍ୟରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିବା ସହ ଧ୍ୱଂସର ତାଣ୍ଡବ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଚାରିବର୍ଷ ଧରି ଲାଗି ରହିଥିବା ଯୁଦ୍ଧରେ ବିଶ୍ୱର ସବୁଠୁ ସୌନ୍ଦର୍ଯ୍ୟମୟ ଦେଶ ଭାବେ ପରିଚିତ ୟୁକ୍ରେନ ଶ୍ରୀହୀନ ହୋଇପଡିଥିବାବେଳେ ରୁଷର କ୍ଷୟକ୍ଷତି ମଧ୍ୟ କିଛି କମ ନୁହେଁ। ଉଭୟ ଦେଶରେ ଯୁଦ୍ଧରେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଲକ୍ଷାଧିକ ଆହତ ହୋଇଥିବା ରିପୋର୍ଟ କହେ। ବିଶ୍ୱରେ ଦ୍ୱିତୀୟ ମହାଶକ୍ତି ଭାବେ ଜଣାଶୁଣା ରୁଷ ମାତ୍ର କିଛି ଦିନ ମଧ୍ୟରେ ୟୁକ୍ରେନକୁ ନିଜ ଦଖଲକୁ ନେଇପାରିବା ନେଇ ଆକଳନ କରିଥିଲା। ମାତ୍ର ଆମେରିକା ସମେତ ୟୁରୋପୀୟ ରାଷ୍ଟ୍ର ସମୁହର ଅକୁଣ୍ଠିତ ସାମରିକ ଓ ଆର୍ଥୀକ ସହାୟତା ଯୋଗୁଁ ୟୁକ୍ରେନ-ରୁଷ ବିରୁଦ୍ଧରେ ଉଭୟ ପ୍ରତିରକ୍ଷା ଏବଂ ଆକ୍ରମଣାତ୍ମକ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଛି। ଏବେ ଯୁଦ୍ଧ ସାଢେ ଚାରିବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜାରି ରହିଥିବା ସତ୍ତ୍ୱେ ଉଭୟ ଯୁଦ୍ଧାସ୍ତ୍ର ଓ ପାଣ୍ଠି ସଂଗହରେ ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କି ଲାଗି ପଡିଛନ୍ତି। ତାଙ୍କର ନେତୃତ୍ୱ ଓ ନାଟୋ'ର ସାମରିକ ଶକ୍ତି ବଳରେ ରୁଷକୁ ଯଥାର୍ଥ ମୁକାବିଲା କରିବାରେ ସମର୍ଥ ହୋଇଥିବା କୁହାଯାଇପାରେ। ୟୁକ୍ରେନର ଅର୍ଥନୀତି ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ରହିଥିବା ସତ୍ତ୍ୱେ ରୁଷ ସେନା ଓ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡିକ ଉପରେ ଦୈନିକ ଶହେରୁ ଉର୍ଦ୍ଧ୍ୱ ଡ୍ରୋନ ଆକ୍ରମଣ ଜାରି ରଖିଛି। ଅନ୍ୟପକ୍ଷରେ ରୁଷ ବିରୁଦ୍ଧରେ ଜାତିସଂଘର ଆର୍ଥୀକ କଟକଣା ଯୋଗୁଁ ଦେଶର ଅର୍ଥନୀତି ଦୁର୍ବଳ ହେବା ସହ ଦରଦାମ ବୃଦ୍ଧି ପାଇଛି। ଯୁଦ୍ଧ ବନ୍ଦ ଲାଗି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କର ଦୁଇ ଦୁଇ ଥର ପ୍ରୟାସ ବିଫଳ ହୋଇଥିବା ସମୟରେ ଆକ୍ରମଣାତ୍ମକ ଚାପ ଦ୍ୱାରା ରୁଷ ରାଷ୍ଟ୍ରପତି ପୁଟିନଙ୍କୁ ଆଲୋଚନା ପାଇଁ ବାଧ କରିବା ସହ ଯୁଦ୍ଧ ବିରତି ଜେଲେନସ୍କି ଚାହାଁନ୍ତି। କିନ୍ତୁ ଦୁଇଦେଶ ମଧ୍ୟରେ ଡ୍ରୋନ ଯୁଦ୍ଧ ତୀବ୍ରତର ହେଉଥିବା ବେଳେ ରୁଷ ଏଥିରେ ଅଗ୍ରଣୀ ରହିଛି। ଗତ ସପ୍ତାହରେ ୟୁକ୍ରେନର ପୂର୍ବ କୋଷ୍ଟିଆଂଟ୍ୟାନିଭକା ସହରକୁ ଅକ୍ତିଆର କରିବା ସହ ଲିମ୍ୟାନ ସହରକୁ ଅବରୋଧ କରିଥିବା ରୁଷର ପ୍ରତିରକ୍ଷାମନ୍ତ୍ରୀ ଘୋଷଣା କରିଥିଲେ। ତେବେ ୨୦୧୪ ପରଠାରୁ ୟୁକ୍ରେନର ୨୦ପ୍ରତିଶତ ଅଂଚଳ ରୁଷ ନିଜ ଦଖଲକୁ ନେଇସାରିଲାଣି। ଏହା ସତ୍ତ୍ୱେ ନିର୍ଣ୍ଣାୟକ ଯୁଦ୍ଧ ପାଇଁ ପୁଟିନ ଏବେ ଚାପରେ ଅଛନ୍ତି। କିନ୍ତୁ ୟୁକ୍ରେନକୁ ନାଟୋ'ର ସହାୟତା ଯୋଗୁଁ କୌଣସି ଚୂଡାନ୍ତ ନିଷ୍ପତି ନେଇପାରୁନଥିବା କୁହାଯାଇପାରେ। ଯୁଦ୍ଧ ପରିସ୍ଥିତି ସମ୍ପୂର୍ଣ୍ଣ ଉତେଜନାପୂର୍ଣ୍ଣ ଥିବାବେଳେ କୌଣସି ରାଜନୈତିକ ସମାଧାନ ଦେଖାଯାଉନାହିଁ। ୟୁକ୍ରେନ ରୁଷର ଅର୍ଥନୀତିକୁ ବିପର୍ଯ୍ୟାସ୍ତ କରିପାରେ, କିନ୍ତୁ ଯୁଦ୍ଧ ମୈଦାନରେ ପଛରେ ରହିଛି। ଯାହାର ପରିଣତିସ୍ୱରୁପ ଏକ ପଂଚମାଶ ଭୂଖଣ୍ଡ ରୁଷ ନିଜ ଦଖଲକୁ ନେଇଗଲାଣି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଏଭଳି ଯୁଦ୍ଧ କେବେବେଳେ ଦେଖାଯାଇନଥିଲା ବୋଲି ନିସନ୍ଦେହରେ କୁହାଯାଇପାରେ। ଦୁଇ ଦେଶର ମଙ୍ଗଳ ପାଇଁ ଉଭୟ ପୁଟିନ ଓ ଜେଲେନସ୍କି ଅନୁକୂଳ ସ୍ଥିତି ପାଇଁ ଆପୋଷ ବୁଝାମଣାକୁ ଆପଣାଇବା ଜରୁରୀ। ଉଭୟ ରାଷ୍ଟ୍ର ଯୁଦ୍ଧ ବିରତି ଘୋଷଣା କରି ସମସ୍ତ ପ୍ରସଙ୍ଗ ଉପରେ ଉଦାର ମନୋଭାବ ନେଇ ଆଲୋଚନା ଆବଶ୍ୟକ। ଯାହା ବିଶ୍ୱ ପାଇଁ ମଙ୍ଗଳକର ହେବ।

# ଓଡ଼ିଶା ବଦଳୁଛି, କିନ୍ତୁ ଓଡ଼ିଆ ମଣିଷର ଜୀବନ କେତେ ବଦଳୁଛି ?

**ସୌଭାଗ୍ୟ ରଞ୍ଜନ ମହାନ୍ତି**

ଓଡ଼ିଶା ବଦଳୁଛି। ଏହି ପରିବର୍ତ୍ତନ ଆଉ କେବଳ ଭାଷଣର ଶବ୍ଦ ନୁହେଁ, ଏହା ଆଜି ରାଜ୍ୟର ରାସ୍ତାରେ ଦେଖାଯାଉଛି, ସହରର ଆକାଶରେ ଉଠୁଥିବା ଅଟ୍ଟାଳିକାରେ ଦେଖାଯାଉଛି, ଶିଳ୍ପାଞ୍ଚଳର ବଢୁଥିବା କାର୍ଯ୍ୟକଳାପରେ ଦେଖାଯାଉଛି, ନୂଆ ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ସେତୁ, ବନ୍ଦର, ବିମାନବନ୍ଦର ଓ ଯୋଗାଯୋଗ ବ୍ୟବସ୍ଥାର ବିସ୍ତାରରେ ଦେଖାଯାଉଛି। ରାଜ୍ୟର ଅର୍ଥନୀତିର ଆକାର ୨୦୨୫-୨୬ରେ ପ୍ରାୟ ୯.୮୮ ଲକ୍ଷ କୋଟି ଟଙ୍କା ହେବ ବୋଲି ଅଗ୍ରିମ ଆକଳନ କରାଯାଇଛି ଏବଂ ବାସ୍ତବ ଅର୍ଥନୈତିକ ବୃଦ୍ଧି ୭.୯ ପ୍ରତିଶତ ରହିଛି। ସେହି ସମୟରେ ମୁଣ୍ଡପିଛା ଆୟ ୧,୮୬,୭୬୧ ଟଙ୍କାକୁ ବଢ଼ିଛି। ଏହି ସଂଖ୍ୟାଗୁଡ଼ିକ ଓଡ଼ିଶାର ଅର୍ଥନୈତିକ ଯାତ୍ରାରେ ଏକ ବଡ଼ ସକାରାତ୍ମକ ପରିବର୍ତ୍ତନର ସଙ୍କେତ। କିନ୍ତୁ ଏଠି ହିଁ ଏକ ମୌଳିକ ପ୍ରଶ୍ନ ଆମ ସମ୍ମୁଖରେ ଠିଆ ହୁଏ—ରାଜ୍ୟର ଅର୍ଥନୀତି ବଢ଼ିଲେ କ'ଣ ପ୍ରତ୍ୟେକ ଓଡ଼ିଆ ପରିବାରର ଆୟ ସେହି ଅନୁପାତରେ ବଢୁଛି ? ରାଜ୍ୟର ରାଜସ୍ୱ ବଢ଼ିଲେ କ'ଣ ପ୍ରତ୍ୟେକ ଚାଷୀଙ୍କ ଘରେ ନିଶ୍ଚିନ୍ତତା ବଢୁଛି ? ବଡ଼ ବଡ଼ ଶିଳ୍ପ ଆସିଲେ କ'ଣ ପ୍ରତ୍ୟେକ ଗାଁର ଯୁବକଙ୍କ ହାତରେ ସ୍ଥାୟୀ ନିଯୁକ୍ତି ଆସୁଛି ? ବଡ଼ ରାସ୍ତା ହେଲେ କ'ଣ ଗାଁର ଶେଷ ଘରଟି ପର୍ଯ୍ୟନ୍ତ ଗୁଣାତ୍ମକ ଶିକ୍ଷା ଓ ଚିକିତ୍ସା ପହଞ୍ଚିଛି ? ବିକାଶର ମାପ କେବଳ ଅର୍ଥନୀତିର ଆକାରରେ ହେବ କି, ନା ମଣିଷର ମୁହଁର ହସ, ତାଙ୍କ ଘରର ନିରାପତ୍ତା, ସନ୍ତାନର ଭବିଷ୍ୟତ ଓ ତାଙ୍କ ଜୀବନର ସମ୍ମାନରେ ମଧ୍ୟ ହେବ।

ଏହି ପ୍ରଶ୍ନ ଓଡ଼ିଶାକୁ ଅବମାନ କରିବା ପାଇଁ ନୁହେଁ। ବରଂ ଏହା ଓଡ଼ିଶାର ଆଗାମୀ ଶତାବ୍ଦୀକୁ ଅଧିକ ଶକ୍ତିଶାଳୀ କରିବାର ପ୍ରଶ୍ନ। କାରଣ ବିକାଶର ସତ୍ୟ ଅର୍ଥ ହେଉଛି—ଯେତେବେଳେ ରାଜ୍ୟର ସମୃଦ୍ଧି ତାହାର ଶେଷ ଲୋକଟି ପର୍ଯ୍ୟନ୍ତ ପହଞ୍ଚେ। ଓଡ଼ିଶାର ଅର୍ଥନୀତି ଯଦି ବଢୁଛି, ତାହା ନିଶ୍ଚୟ ଗର୍ବର ବିଷୟ। ଏହି ଗତିକୁ ସ୍ୱାଗତ କରିବା ଦରକାର। କିନ୍ତୁ ଏହା ସହିତ ଆମକୁ ଦେଖିବାକୁ ହେବ—ଏହି ବୃଦ୍ଧି କେତେ ସମାବେଶୀ, କେତେ ନ୍ୟାୟସଙ୍ଗତ ଏବଂ କେତେ ସ୍ଥାୟୀ।

ଆଜି ଓଡ଼ିଶାର ଏକ ଚିତ୍ର ହେଉଛି ଦ୍ରୁତ ଶିଳ୍ପାୟନ। ଲୁହା, ଇସ୍ପାତ, ଆଲୁମିନିୟମ, ଶକ୍ତି, ଖଣିଜ, ବନ୍ଦର ଓ ଭିତ୍ତିଭୂମି କ୍ଷେତ୍ରରେ ରାଜ୍ୟ ଦେଶର ଅର୍ଥନୈତିକ ମାନଚିତ୍ରରେ ନିଜର ସ୍ଥାନକୁ ଆହୁରି ମଜବୁତ କରୁଛି। ନୂଆ ପୁଞ୍ଜିନିବେଶ ଆସିବାର ସମ୍ଭାବନା ନିଶ୍ଚୟ ଓଡ଼ିଶାର ଯୁବପିଢ଼ି ପାଇଁ ଆଶାର କାରଣ। କିନ୍ତୁ ଶିଳ୍ପର ଦ୍ୱାର ଯଦି ଓଡ଼ିଆ ଯୁବକଙ୍କ ପାଇଁ ଖୋଲିବାକୁ ହେବ, ତେବେ କେବଳ ଶିଳ୍ପ ସ୍ଥାପନ କରିଲେ ହେବ ନାହିଁ; ଶିକ୍ଷା, ପ୍ରଶିକ୍ଷଣ, ଦକ୍ଷତା ଓ ଶିଳ୍ପର ଆବଶ୍ୟକତା ମଧ୍ୟରେ ସମନ୍ୱୟ ଦରକାର। ରାଜ୍ୟର ଅର୍ଥନୈତିକ ସର୍ବେକ୍ଷଣ ମଧ୍ୟ ଏହି ଦିଗକୁ ଗୁରୁତ୍ୱ ଦେଇଛି—ଓଡ଼ିଶାର ପ୍ରାୟ ୬୯.୪ ପ୍ରତିଶତ ଲୋକ କାର୍ଯ୍ୟକ୍ଷମ ବୟସ ବର୍ଗରେ ଅଛନ୍ତି ଏବଂ ଏହାକୁ ରାଜ୍ୟର ଜନସାଂଖ୍ୟିକ ସୁଯୋଗ ବୋଲି ଦେଖାଯାଇଛି। କିନ୍ତୁ ଏହି ସୁଯୋଗକୁ ଉତ୍ପାଦନଶୀଳ ନିଯୁକ୍ତିରେ ପରିଣତ କରିବା ହିଁ ଆଗାମୀ ଦିନର ବଡ଼ ପରୀକ୍ଷା।

ଓଡ଼ିଶାର ଯୁବକ ଆଜି କେବଳ ଚାକିରି ଖୋଜୁନାହିଁ; ସେ ନିଜ ମାଟିରେ ସମ୍ମାନଜନକ ଭବିଷ୍ୟତ ଖୋଜୁଛି। ଗାଁର ଜଣେ ଯୁବକ ଯେତେବେଳେ ହାଇଦ୍ରାବାଦ, ବେଙ୍ଗାଲୁରୁ, ଦିଲ୍ଲୀ, ମୁମ୍ବାଇ କିମ୍ବା ଦେଶ ବାହାରକୁ ଯାଉଛି, ତାହାକୁ କେବଳ ରୋଜଗାରର ତଥ୍ୟ ଭାବେ ଦେଖିଲେ ଚିତ୍ରଟି ଅସମ୍ପୂର୍ଣ୍ଣ ରହିଯିବ। ତାହା ପଛରେ ରହିଛି ଜଣେ ମାଆଙ୍କ ଅପେକ୍ଷା, ବୃଦ୍ଧ ବାପାଙ୍କ ଏକାକୀତ୍ୱ, ଘରେ ବଢୁଥିବା ଶିଶୁର ପିତାବିହୀନ ଶୈଶବ ଏବଂ ଗାଁରୁ ଧୀରେ ଧୀରେ ଖାଲି ହେଉଥିବା ଯୁବଶକ୍ତି। ପ୍ରବାସ ଯଦି ନିଜ ଇଚ୍ଛାରେ, ଉଚ୍ଚ ଦକ୍ଷତା ଓ ଭଲ ସୁଯୋଗ ପାଇଁ ହୁଏ, ତାହା ଅର୍ଥନୈତିକ ଅଗ୍ରଗତିର ଚିହ୍ନ। କିନ୍ତୁ ଯଦି ଜୀବିକାର ବାଧ୍ୟତା ଜଣେ ଯୁବକଙ୍କୁ ନିଜ ଘର, ଗାଁ ଓ ପରିବାର ଛାଡ଼ିବାକୁ ବାଧ କରେ, ତେବେ ଏହା ଆମ ବିକାଶ ମଡ଼େଲ ପାଇଁ ଏକ ପ୍ରଶ୍ନ।

ଏଠାରେ ଆଶାର ଆଉ ଏକ ଦିଗ ମଧ୍ୟ ଅଛି। ଓଡ଼ିଶାରେ ୨୦୨୨ରୁ ୨୦୨୪ ମଧ୍ୟରେ ଶ୍ରମଶକ୍ତି ଅଂଶଗ୍ରହଣ ହାର ୫୮.୧ ପ୍ରତିଶତରୁ ୬୪.୫ ପ୍ରତିଶତକୁ ବଢ଼ିଛି ବୋଲି ରାଜ୍ୟର ଆଧିକାରିକ ତଥ୍ୟରେ ଉଲ୍ଲେଖ ଅଛି। ମହିଳାଙ୍କ ଶ୍ରମଶକ୍ତି ଅଂଶଗ୍ରହଣ ମଧ୍ୟ ଏହି ସମୟରେ ୩୭.୬ ପ୍ରତିଶତରୁ ୪୮.୭ ପ୍ରତିଶତକୁ ବଢ଼ିଛି, ଯାହା ଜାତୀୟ ହାରଠାରୁ ଅଧିକ। ଏହା କେବଳ ଏକ ଅର୍ଥନୈତିକ ତଥ୍ୟ ନୁହେଁ; ଏହା ଓଡ଼ିଆ ମହିଳାଙ୍କ ବଦଳୁଥିବା ଭୂମିକାର ଏକ ସଙ୍କେତ। ଯେଉଁ ମହିଳା ଦିନେ ଘରର ଚାରିକାନ୍ଥ ମଧ୍ୟରେ ସୀମିତ ଥିଲେ, ସେ ଆଜି ଉତ୍ପାଦନ, ବ୍ୟବସାୟ, ସେବା, ସ୍ୱୟଂସହାୟକ ଗୋଷ୍ଠୀ ଓ ଅନ୍ୟାନ୍ୟ କ୍ଷେତ୍ରରେ ନିଜର ଅବଦାନ ରଖୁଛନ୍ତି। ଏହି ପରିବର୍ତ୍ତନକୁ ଆହୁରି ଗଭୀର କରିବା ଦରକାର।

କିନ୍ତୁ ଓଡ଼ିଶାର ବିକାଶର ସବୁଠାରୁ ବଡ଼ ପ୍ରଶ୍ନ ହେଉଛି—ଗ୍ରାମ ଓ ସହର ମଧ୍ୟରେ ଥିବା ଦୂରତା। ଭୁବନେଶ୍ୱରର ଚିତ୍ର ଦେଖିଲେ ଆମେ ଏକ ଆଧୁନିକ ଓଡ଼ିଶାକୁ ଦେଖୁଛୁ। କିନ୍ତୁ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି କିମ୍ବା ମୟୂରଭଞ୍ଜର ଦୂର ଗାଁକୁ ଯାଇଲେ ବିକାଶର ଅନ୍ୟ ଏକ ମୁହଁ ଦେଖାଯାଏ। ସେଠାରେ ରାସ୍ତା ହୋଇଥାଇପାରେ, ବିଦ୍ୟୁତ ଥାଇପାରେ, ଘର ମିଳିଥାଇପାରେ; କିନ୍ତୁ ଗୁଣାତ୍ମକ ଶିକ୍ଷା, ନିରନ୍ତର ଚିକିତ୍ସା, ଭଲ ବଜାର, ସ୍ଥାୟୀ ରୋଜଗାର ଓ ଉଚ୍ଚ ଆୟର ସୁଯୋଗ ସବୁଠାରେ ସମାନ ଭାବେ ଉପଲବ୍ଧ କି? ଏହି ପ୍ରଶ୍ନକୁ ଏଡ଼ାଇ ହେବ ନାହିଁ।

ଦାରିଦ୍ର୍ୟ ହ୍ରାସର କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ପ୍ରଗତି କରିଛି। ନୀତି ଆୟୋଗର ବହୁମାତ୍ରିକ ଦାରିଦ୍ର୍ୟ ସୂଚକାଙ୍କ ଅନୁଯାୟୀ ଓଡ଼ିଶାରେ ବହୁମାତ୍ରିକ ଦାରିଦ୍ର୍ୟ ହାର ୨୦୧୫-୧୬ରେ ୨୯.୩୪ ପ୍ରତିଶତ ଥିବାବେଳେ ୨୦୧୯-୨୧ରେ ୧୫.୬୮ ପ୍ରତିଶତକୁ ହ୍ରାସ ପାଇଛି। ଏହି ସମୟରେ ୬୨ ଲକ୍ଷରୁ ଅଧିକ ଲୋକ ବହୁମାତ୍ରିକ ଦାରିଦ୍ର୍ୟରୁ ବାହାରିଥିବା ଆକଳନ କରାଯାଇଛି। ଏହା ନିଶ୍ଚୟ ଓଡ଼ିଶା ପାଇଁ ଗର୍ବର ତଥ୍ୟ। କିନ୍ତୁ ଏହା ସହିତ ଆମର ଦାୟିତ୍ୱ ଶେଷ ହୋଇଯାଏ ନାହିଁ। ଦାରିଦ୍ର୍ୟ କେବଳ ଟଙ୍କାର ଅଭାବ ନୁହେଁ। ଭଲ ଶିକ୍ଷାର ଅଭାବ, ପୌଷ୍ଟିକ ଖାଦ୍ୟର ଅଭାବ, ନିରାପଦ ପାଣିର ଅଭାବ, ସ୍ୱାସ୍ଥ୍ୟସେବାର ଅଭାବ ଓ ସମ୍ମାନଜନକ ଜୀବିକାର ଅଭାବ ମଧ୍ୟ ଦାରିଦ୍ର୍ୟର ଅନ୍ୟ ରୂପ।

ଓଡ଼ିଶାର ବିକାଶରେ ଚାଷୀଙ୍କ ସ୍ଥାନକୁ ନେଇ ମଧ୍ୟ ନୂଆ ଚିନ୍ତା ଦରକାର। ଧାନ ଉତ୍ପାଦନ କରୁଥିବା ଚାଷୀ ଯଦି ନିଜ ଉତ୍ପାଦନର ଯଥେଷ୍ଟ ମୂଲ୍ୟ ପାଇପାରେନାହିଁ, ତେବେ କେବଳ ଉତ୍ପାଦନ ବଢ଼ିବାକୁ କୃଷିର ସଫଳତା କୁହାଯାଇପାରିବ ନାହିଁ। ଚାଷୀଙ୍କ ଆୟ ବଢ଼ିବା ଦରକାର, ଜଳସେଚନର ନିଶ୍ଚିତତା ଦରକାର, ବଜାର ସୁବିଧା ଦରକାର, ଫସଲ ବିବିଧୀକରଣ ଦରକାର, ଶୀତଳ ଭଣ୍ଡାର ଓ ପ୍ରକ୍ରିୟାକରଣ ବ୍ୟବସ୍ଥା ବଢ଼ିବା ଦରକାର। ଚାଷୀଙ୍କୁ କେବଳ ସହାୟତାର ଲାଭାର୍ଥୀ ଭାବେ ନୁହେଁ, ଅର୍ଥନୀତିର ସକ୍ରିୟ ଉତ୍ପାଦକ ଭାବେ ଦେଖିବାକୁ ହେବ। ଗାଁର ଅର୍ଥନୀତି ସୁଦୃଢ଼ ହେଲେ ହିଁ ଓଡ଼ିଶାର ବିକାଶ ମୂଳରୁ ମଜବୁତ ହେବ।

ଏହି ସମଗ୍ର ଯାତ୍ରାରେ ଶିକ୍ଷା ହେଉଛି ସବୁଠାରୁ ବଡ଼ ପୁଞ୍ଜି। ଏକ ସେତୁ ଦଶକ ଦଶକ ଧରି ଲୋକଙ୍କୁ ଯୋଡ଼ିପାରେ; କିନ୍ତୁ ଜଣେ ଶିକ୍ଷିତ ଶିଶୁ ପୂରା ପରିବାରର ଭାଗ୍ୟ ବଦଳାଇପାରେ। ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ଭିତ୍ତିଭୂମିର ଉନ୍ନତି ସହିତ ଏବେ ଶିକ୍ଷାର ଗୁଣବତ୍ତା, ମୌଳିକ ଜ୍ଞାନ, ଚିନ୍ତନଶକ୍ତି, ବୈଜ୍ଞାନିକ ମନୋଭାବ ଓ ନିଯୁକ୍ତିଯୋଗ୍ୟ ଦକ୍ଷତାକୁ ଅଧିକ ଗୁରୁତ୍ୱ ଦେବାର ସମୟ। କେବଳ ପରୀକ୍ଷାରେ ଅଧିକ ନମ୍ବର ପାଇବା ଶିକ୍ଷାର ଶେଷ ଲକ୍ଷ୍ୟ ହୋଇପାରେ ନାହିଁ। ଶିକ୍ଷା ଯଦି ଜଣେ ଛାତ୍ରକୁ ନିଜ ପାଦରେ ଠିଆ ହେବାର ସାହସ ନ ଦିଏ, ତେବେ ଆମକୁ ଶିକ୍ଷାର ଅର୍ଥକୁ ପୁଣିଥରେ ଭାବିବାକୁ ହେବ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ସମାନ ପ୍ରଶ୍ନ। ଏକ ରାଜ୍ୟ ସେତେବେଳେ ବିକଶିତ ବୋଲି କୁହାଯିବ ଯେତେବେଳେ ଗରିବ ପରିବାରର ଜଣେ ରୋଗୀ ଚିକିତ୍ସା ପାଇଁ ଘର ବିକ୍ରି କରିବାକୁ ବା ଋଣ କରିବାକୁ ବାଧ ହେବେ ନାହିଁ। ଜିଲ୍ଲା ସ୍ତରରେ ଉନ୍ନତ ଚିକିତ୍ସା ସୁବିଧା, ଦୂରଦୂରାନ୍ତ ଅଞ୍ଚଳରେ ବିଶେଷଜ୍ଞ ଡାକ୍ତର, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ ଓ ବୃଦ୍ଧଙ୍କ ଚିକିତ୍ସା—ଏସବୁକୁ ବିକାଶର କେନ୍ଦ୍ରରେ ରଖିବା ଦରକାର।

ଓଡ଼ିଶାର ମହିଳାମାନଙ୍କ ବଦଳୁଥିବା ଭୂମିକା ଏଠାରେ ବିଶେଷ ଉଲ୍ଲେଖଯୋଗ୍ୟ। ସ୍ୱୟଂସହାୟକ ଗୋଷ୍ଠୀ ଠାରୁ ଆରମ୍ଭ କରି ଛୋଟ ଉଦ୍ୟମ, କୃଷି, ପଶୁପାଳନ, ହସ୍ତଶିଳ୍ପ ଓ ସେବା କ୍ଷେତ୍ର ପର୍ଯ୍ୟନ୍ତ ମହିଳାଙ୍କ ଅଂଶଗ୍ରହଣ ବଢୁଛି। କିନ୍ତୁ ମହିଳାଙ୍କ ଅର୍ଥନୈତିକ ଅଂଶଗ୍ରହଣ ବଢ଼ିବା ସହିତ ତାଙ୍କ ନିରାପତ୍ତା, ସମ୍ପତ୍ତିର ଅଧିକାର, ନିଷ୍ପତ୍ତି ନେବାର କ୍ଷମତା, ଉଚ୍ଚଶିକ୍ଷା ଓ ନେତୃତ୍ୱର ସୁଯୋଗ ମଧ୍ୟ ବଢ଼ିବା ଦରକାର। ମହିଳାଙ୍କ ହାତରେ ଆୟ ଆସିଲେ କେବଳ ଜଣେ ବ୍ୟକ୍ତି ଶକ୍ତିଶାଳୀ ହୁଅନ୍ତି ନାହିଁ; ସମଗ୍ର ପରିବାର ଓ ପରବର୍ତ୍ତୀ ପିଢ଼ି ଶକ୍ତିଶାଳୀ ହୁଏ।

ଓଡ଼ିଶାର ଆଦିବାସୀ ସମାଜର ପ୍ରଶ୍ନ ମଧ୍ୟ ଏହି ବିକାଶ ଆଲୋଚନାର କେନ୍ଦ୍ରରେ ରହିବା ଉଚିତ। ଯେଉଁ ଜଙ୍ଗଲ, ପାହାଡ଼ ଓ ଜମି ରାଜ୍ୟକୁ ଖଣିଜ ସମ୍ପଦ ଦେଉଛି, ସେହି ଅଞ୍ଚଳର ଲୋକଙ୍କ ଜୀବନ ମଧ୍ୟ ସମୃଦ୍ଧ ହେବା ଦରକାର। ବିକାଶର ଅର୍ଥ ଯଦି କେବଳ ଖଣିରୁ ଖଣିଜ ବାହାର କରିବା, ତେବେ ଏହା ଅର୍ଦ୍ଧସତ୍ୟ। ଖଣିଜ ସମ୍ପଦରୁ ମିଳୁଥିବା ସମୃଦ୍ଧି ସେହି ଅଞ୍ଚଳର ବିଦ୍ୟାଳୟ, ହସ୍ପିଟାଲ, ପାଣି, ରାସ୍ତା, ଜୀବିକା ଓ ମାନବ ବିକାଶରେ ପରିଣତ ହେବା ଦରକାର। ପରିବେଶ ସୁରକ୍ଷା ଓ ଲୋକଙ୍କ ଅଧିକାର ସହ ଶିଳ୍ପାୟନର ସନ୍ତୁଳନ ହିଁ ଦୀର୍ଘକାଳୀନ ସଫଳତାର ଚାବି।

ପରିବେଶର ପ୍ରଶ୍ନକୁ ଆଉ ଅଣଦେଖା କରିହେବ ନାହିଁ। ବନ୍ୟା, ଅତିବୃଷ୍ଟି, ଜଳବନ୍ଦୀ, ଘୂର୍ଣ୍ଣିଝଡ଼, ତାପମାତ୍ରା ବୃଦ୍ଧି ଓ ଜଳସଙ୍କଟ ଆମକୁ ନିରନ୍ତର ସତର୍କ କରୁଛି। ଏକ ସହରର ରାସ୍ତା ଚଉଡ଼ା ହେବା ନିଶ୍ଚୟ ବିକାଶ; କିନ୍ତୁ ସେହି ସହରର ପ୍ରାକୃତିକ ଜଳପଥ ନଷ୍ଟ ହୋଇ ବର୍ଷା ଦିନେ ଲୋକଙ୍କ ଘରେ ପାଣି ପଶିଲେ, ଆମକୁ ଯୋଜନାର ଗୁଣବତ୍ତାକୁ ପୁଣିଥରେ ମାପିବାକୁ ହେବ। ନଦୀ, ଜଳାଶୟ, ଜଙ୍ଗଲ ଓ ଜଳଭୂମି କେବଳ ପରିବେଶର ଅଂଶ ନୁହେଁ; ସେଗୁଡ଼ିକ ଓଡ଼ିଶାର ଅର୍ଥନୀତି ଓ ମଣିଷର ଜୀବନର ଅଦୃଶ୍ୟ ସୁରକ୍ଷାକବଚ।

ବିକାଶର ଆଉ ଏକ ମୁହଁ ହେଉଛି ଶାସନ ବ୍ୟବସ୍ଥା। ଲୋକ ଆଜି ପୁରୁଣା ଦିନର ଭଳି କେବଳ ଏକ ଯୋଜନା ଘୋଷଣା ଶୁଣି ସନ୍ତୁଷ୍ଟ ହେବେ ନାହିଁ। ସେ ଜାଣିବାକୁ ଚାହୁଁଛି—ଯୋଜନାର ଲାଭ କେବେ ମିଳିବ, କାହାକୁ ମିଳିବ, କେତେ ମିଳିବ ଏବଂ ତାହାର ଅଭିଯୋଗ କେଉଁଠି କରିବ? ସ୍ୱଚ୍ଛତା, ଦ୍ରୁତ ସେବା, ଦାୟିତ୍ୱବୋଧ ଓ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟିତ୍ୱ—ଆଧୁନିକ ଶାସନର ମୂଳ ଆଧାର ହେବା ଦରକାର। ପ୍ରଯୁକ୍ତି ଯଦି ଏହି ଦୂରତା କମାଇପାରେ, ତାହାକୁ ସ୍ୱାଗତ କରିବା ଦରକାର; କିନ୍ତୁ ଡିଜିଟାଲ୍ ବ୍ୟବସ୍ଥା ସହ ମାନବୀୟ ସହାୟତା ମଧ୍ୟ ଦରକାର, କାରଣ ପ୍ରତ୍ୟେକ ଗାଁର ପ୍ରତ୍ୟେକ ବୃଦ୍ଧ ଲୋକ ପ୍ରଯୁକ୍ତିର ଭାଷା ବୁଝନ୍ତି ନାହିଁ।

ନୀତି ଆୟୋଗର ସତତ ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୩-୨୪ରେ ଭାରତର ସାମଗ୍ରିକ ମାନ ୬୬ରୁ ୭୧କୁ ବଢ଼ିଥିବା ଦେଖାଯାଇଛି। ଏହା ଦେଖାଏ ଯେ ବିକାଶର ମାପ ଏବେ କେବଳ ଅର୍ଥନୀତିରେ ସୀମିତ ନୁହେଁ; ଦାରିଦ୍ର୍ୟ, ସ୍ୱାସ୍ଥ୍ୟ, ଶିକ୍ଷା, ଲିଙ୍ଗ ସମାନତା, ପରିବେଶ ଓ ଅନ୍ୟାନ୍ୟ ସାମାଜିକ ଲକ୍ଷ୍ୟ ମଧ୍ୟ ତାହାର ଅଂଶ। ତେଣୁ ଓଡ଼ିଶାର ବିକାଶକୁ ମଧ୍ୟ ଏହି ବ୍ୟାପକ ଦୃଷ୍ଟିରେ ମାପିବାକୁ ହେବ।

ଆଜି ଆମେ ଏକ ଅଦ୍ଭୁତ ସନ୍ଧିକ୍ଷଣରେ ଅଛୁ। ଏକ ପଟେ ଓଡ଼ିଶାର ଅର୍ଥନୀତି ଦ୍ରୁତ ଗତିରେ ଆଗକୁ ବଢୁଛି, ଅନ୍ୟ ପଟେ ସେହି ବିକାଶକୁ ମଣିଷର ଦୈନନ୍ଦିନ ଜୀବନରେ ଆହୁରି ଗଭୀର କରିବାର ଆବଶ୍ୟକତା ରହିଛି। ଏକ ପଟେ ବଡ଼ ଶିଳ୍ପ ଅଛି, ଅନ୍ୟ ପଟେ ଛୋଟ ଚାଷୀ ଅଛନ୍ତି। ଏକ ପଟେ ଆଧୁନିକ ସହର ଅଛି, ଅନ୍ୟ ପଟେ ଦୂର ଗାଁ ଅଛି। ଏକ ପଟେ ଦକ୍ଷ ଯୁବକଙ୍କ ପାଇଁ ନୂଆ ସୁଯୋଗ ଅଛି, ଅନ୍ୟ ପଟେ ଦକ୍ଷତାର ଅଭାବରେ ରୋଜଗାର ପାଇଁ ବାହାରକୁ ଯାଉଥିବା ଯୁବକ ଅଛନ୍ତି। ଏକ ପଟେ ଆୟ ବଢୁଛି, ଅନ୍ୟ ପଟେ ଜୀବନଯାପନର ଖର୍ଚ୍ଚ ମଧ୍ୟ ପରିବାରର ଅର୍ଥନୀତିକୁ ଚାପ ଦେଉଛି।

ତେଣୁ ଆମକୁ ବିକାଶର ନୂଆ ପରିଭାଷା ଲେଖିବାକୁ ହେବ। ଏହି ପରିଭାଷାରେ ଥିବ ଶିଳ୍ପ, କିନ୍ତୁ ଶିଳ୍ପ ସହ ସ୍ଥାନୀୟ ନିଯୁକ୍ତି ମଧ୍ୟ ଥିବ। ଏଥିରେ ରାସ୍ତା ଥିବ, କିନ୍ତୁ ରାସ୍ତା ସହ ସୁରକ୍ଷିତ ଯାତାୟାତ ମଧ୍ୟ ଥିବ। ଏଥିରେ ବଡ଼ ବିଦ୍ୟାଳୟ ଥିବ, କିନ୍ତୁ ଗୁଣାତ୍ମକ ଶିକ୍ଷା ମଧ୍ୟ ଥିବ। ଏଥିରେ ଚିକିତ୍ସାଳୟ ଥିବ, କିନ୍ତୁ ଗରିବଙ୍କ ପାଇଁ ସହଜ ଚିକିତ୍ସା ମଧ୍ୟ ଥିବ। ଏଥିରେ ଶିଳ୍ପ ଥିବ, କିନ୍ତୁ ପରିବେଶ ସୁରକ୍ଷା ମଧ୍ୟ ଥିବ। ଏଥିରେ ସହର ଥିବ, କିନ୍ତୁ ଗାଁର ଜୀବନ ମଧ୍ୟ ସମୃଦ୍ଧ ହେବ। ଏଥିରେ ଅର୍ଥନୈତିକ ବୃଦ୍ଧି ଥିବ, କିନ୍ତୁ ସାମାଜିକ ନ୍ୟାୟ ମଧ୍ୟ ଥିବ।

ଓଡ଼ିଶାର ଆଗାମୀ ପିଢ଼ି ଆମକୁ ପଚାରିବ—ତୁମେ ଯେତେବେଳେ ଏହି ରାଜ୍ୟକୁ ପାଇଥିଲ, ସେତେବେଳେ କ'ଣ କରିଥିଲ ? ତୁମେ କେବଳ ଅଟ୍ଟାଳିକା ତିଆରି କରିଥିଲ, ନା ମଣିଷ ତିଆରି କରିଥିଲ । ତୁମେ କେବଳ ଖଣିରୁ ସମ୍ପଦ ବାହାର କରିଥିଲ, ନା ସେହି ସମ୍ପଦକୁ ମାନବ ସମ୍ପଦରେ ପରିଣତ କରିଥିଲ । ତୁମେ କେବଳ ସହରକୁ ବଡ଼ କରିଥିଲ, ନା ଗାଁକୁ ମଧ୍ୟ ସମାନ ସୁଯୋଗ ଦେଇଥିଲ । ତୁମେ କେବଳ ଆଜିର ଆବଶ୍ୟକତା ଭାବିଥିଲ, ନା ଆସନ୍ତା ପିଢ଼ି ପାଇଁ ନଦୀ, ଜଙ୍ଗଲ ଓ ମାଟିକୁ ସୁରକ୍ଷିତ ରଖିଥିଲ ।

ଏହି ପ୍ରଶ୍ନର ଉତ୍ତର ଆଜି ଆମକୁ ଦେବାକୁ ହେବ।

ଓଡ଼ିଶା ବଦଳୁଛି—ଏହା ସତ୍ୟ। ଅର୍ଥନୀତି ବଢୁଛି, ଭିତ୍ତିଭୂମି ବଢୁଛି, ନୂଆ ସୁଯୋଗ ସୃଷ୍ଟି ହେଉଛି, ଦାରିଦ୍ର୍ୟ କମୁଛି, ମହିଳାଙ୍କ ଅଂଶଗ୍ରହଣ ବଢୁଛି। ଏହି ସଫଳତାକୁ ଅସ୍ୱୀକାର କରିବା ଅନ୍ୟାୟ। କିନ୍ତୁ ଏହା ମଧ୍ୟ ସତ୍ୟ ଯେ ବିକାଶର ଯାତ୍ରା ଏଯାଏଁ ସମାପ୍ତ ହୋଇନାହିଁ। ଆମର ଲକ୍ଷ୍ୟ ହେବା ଉଚିତ—ଓଡ଼ିଶାର ଅର୍ଥନୈତିକ ଗତିକୁ ମଣିଷର ଜୀବନମାନର ଗତି ସହ ସମାନ କରିବା।

କାରଣ ଶେଷରେ ରାଜ୍ୟର ସଫଳତା ତାହାର ଉଚ୍ଚ ଅଟ୍ଟାଳିକାରେ ନୁହେଁ, ଜଣେ ଗରିବ ବାପା ନିଜ ପୁଅକୁ ଭଲ ଶିକ୍ଷା ଦେଇପାରୁଛି କି ନାହିଁ ସେଥିରେ ରହିଛି। ଏହା ବଡ଼ ଶିଳ୍ପର ଉତ୍ପାଦନରେ ନୁହେଁ, ଜଣେ ଚାଷୀ ନିଜ ଫସଲର ନ୍ୟାୟସଙ୍ଗତ ମୂଲ୍ୟ ପାଇ ହସି ଘରକୁ ଫେରୁଛି କି ନାହିଁ ସେଥିରେ ରହିଛି। ଏହା କେବଳ ବଡ଼ ସହରର ଆଲୋକରେ ନୁହେଁ, ଦୂର ଗାଁର ଘରେ ରାତିରେ ଜଳୁଥିବା ଆଲୋକରେ ରହିଛି। ଏହା କେବଳ ଅର୍ଥନୀତିର ଅଙ୍କରେ ନୁହେଁ, ଜଣେ ମାଆ ନିଜ ପୁଅକୁ ରୋଜଗାର ପାଇଁ ଦୂର ରାଜ୍ୟକୁ ପଠାଇବାବେଳେ ଆଖିରେ ଲୁହ ନଥିବାରେ ରହିଛି।

ଆମକୁ ଏମିତି ଏକ ଓଡ଼ିଶା ଗଢ଼ିବାକୁ ହେବ, ଯେଉଁଠାରେ ବିକାଶର ଅର୍ଥ କେବଳ "ବଡ଼" ହେବା ନୁହେଁ, "ଭଲ" ହେବା। ଯେଉଁଠାରେ ଅର୍ଥନୀତି ବଢ଼ିବା ସହିତ ମଣିଷର ସମ୍ମାନ ବଢ଼ିବ। ଯେଉଁଠାରେ ଶିଳ୍ପ ବଢ଼ିବା ସହିତ ଚାଷୀଙ୍କ ଆୟ ବଢ଼ିବ। ଯେଉଁଠାରେ ସହର ବଢ଼ିବା ସହିତ ଗାଁ ମଧ୍ୟ ଆତ୍ମନିର୍ଭର ହେବ। ଯେଉଁଠାରେ ଯୁବକ ଚାକିରି ପାଇଁ ଘର ଛାଡ଼ିବାକୁ ବାଧ ନହୋଇ ନିଜ ମାଟିରେ ସ୍ୱପ୍ନ ଗଢ଼ିପାରିବ। ଯେଉଁଠାରେ ମହିଳା କେବଳ ପରିବାରର ଦାୟିତ୍ୱ ନେବେ ନାହିଁ, ଅର୍ଥନୀତିର ନେତୃତ୍ୱ ମଧ୍ୟ ନେବେ। ଯେଉଁଠାରେ ଆଦିବାସୀ ଓ ଦୁର୍ବଳ ବର୍ଗର ଲୋକ ବିକାଶର ଦର୍ଶକ ନୁହେଁ, ବିକାଶର ଅଂଶୀଦାର ହେବେ।

ସେତେବେଳେ ହିଁ ଆମେ ନିର୍ଭୟରେ କହିପାରିବା—ହଁ, ଓଡ଼ିଶା କେବଳ ବଦଳିନାହିଁ; ଓଡ଼ିଶାର ମଣିଷ ମଧ୍ୟ ବଦଳିଛି। ତାଙ୍କ ଆୟ ବଢ଼ିଛି, ତାଙ୍କ ସୁଯୋଗ ବଢ଼ିଛି, ତାଙ୍କ ସ୍ୱପ୍ନ ବଢ଼ିଛି, ତାଙ୍କ ଆତ୍ମବିଶ୍ୱାସ ବଢ଼ିଛି। ଏବଂ ସେହି ଦିନ ଓଡ଼ିଶାର ବିକାଶ କେବଳ ସରକାରୀ ତଥ୍ୟର ଏକ ସଂଖ୍ୟା ହୋଇ ରହିବ ନାହିଁ; ଏହା ପ୍ରତ୍ୟେକ ଓଡ଼ିଆ ପରିବାରର ଜୀବନର ଅନୁଭବ ହୋଇଯିବ।

ଓଡ଼ିଶାର ଗତି ଆଜି ଦ୍ରୁତ। ଏବେ ଆବଶ୍ୟକ—ଏହି ଗତିର ଦିଗ ଠିକ୍ ରହୁ। କାରଣ ଆମର ଲକ୍ଷ୍ୟ କେବଳ ଏକ ବଡ଼ ଓଡ଼ିଶା ନୁହେଁ; ଆମର ଲକ୍ଷ୍ୟ ହେଉଛି ଏକ ସମୃଦ୍ଧ, ସମାନ, ସମ୍ମାନଜନକ ଓ ମାନବିକ ଓଡ଼ିଶା।

ମୋବାଇଲ୍: ୯୪୩୭୯୯୪୩୭୯

# ଆଲିଆ ମୀର: ଜାମ୍ମୁ ଓ କାଶ୍ମୀରର ପ୍ରଥମ ମହିଳା ବନ୍ୟଜନ୍ତୁ ଉଦ୍ଧାରକାରୀ

**ଆଫ୍‌ରୋଜ ଖାନ୍**

ଛୋଟବେଳୁ ପଶୁ ପକ୍ଷୀଙ୍କ ପ୍ରତି ଥିବା ଭଲପାଇବା ଏବଂ କିଛି ପାରିପାର୍ଶ୍ୱିକ ଘଟଣା ପାଇଁ ଆଲିଆ ମୀର ବନ୍ୟଜନ୍ତୁଙ୍କୁ ଉଦ୍ଧାର କରିବା ଦିଗରେ କାର୍ଯ୍ୟ କରିବା ପାଇଁ ମନସ୍ଥ କରିଥିଲେ ।ପରବର୍ତି ସମୟରେ ଲିଙ୍ଗଭିତ୍ତିକ ପକ୍ଷପାତ ଓ ସାମାଜିକ ପ୍ରତିବନ୍ଧକତାକୁ ଅତିକ୍ରମ କରି ସେ ଶହ ଶହ ବନ୍ୟଜନ୍ତୁଙ୍କୁ ଉଦ୍ଧାର କରିଛନ୍ତି, ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ବାର୍ତ୍ତା ପ୍ରଚାର କରି ସ୍ଥାନୀୟ ଲୋକଙ୍କୁ ସଚେତନ କରିଛନ୍ତି, ଯାହା ତାଙ୍କୁ ନିଜ ଲକ୍ଷ୍ୟ ଦିଗରେ ସଫଳତା ପାଇବା ସହିତ ଜାମ୍ମୁ ଓ କାଶ୍ମୀରର ପ୍ରଥମ ମହିଳା ବନ୍ୟଜନ୍ତୁ ଉଦ୍ଧାରକାରୀ ଭାବରେ ପରିଚୟ ।

ଆଲିଆ ମୀର କୁହନ୍ତି, 'ଆମ ସମାଜ ଏବେ ବି ପୁରୁଷପ୍ରଧାନ, ଯାହା ମହିଳା ମାନଙ୍କୁ ଆଗକୁ ବଢ଼ିବାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ, ବିଶେଷକରି ଏପରି ଏକ ପେଶାରେ, ଯାହାକୁ ଅଧିକାଂଶ ଲୋକ ମହିଳାଙ୍କ ପାଇଁ ଉପଯୁକ୍ତ ବୋଲି ଭାବନ୍ତି ନାହିଁ । ଜଣେ ଉଦ୍ଧାରକାରୀ ଭାବେ କାମ କରୁଥିବା ସମୟରେ ମୋତେ ପ୍ରାୟତଃ ଅଣଦେଖା ଏବଂ ଅପମାନିତ କାରାଯାଇଛି ଓ ମୋର ଏହି ପ୍ରୟାସ ପାଇଁ ଲୋକମାନେ ମତେ ଗୁରୁତ୍ୱ ଦେଉନଥିଲେ ଏବଂ ମୋ ପଛରେ ଅନେକ କଟାକ୍ଷ କରି କହୁଥିଲେ ।'୨୦୦୬ ମସିହା ନଭେମ୍ବର ୧୭ ତାରିଖରେ ଏକ କଳା ଏସିଆଟିକ୍ ଭାଲୁ ଜଙ୍ଗଲରୁ ବାହାରି କାଶ୍ମୀରର ପୁଲୱାମା ଜିଲ୍ଲାର ମାଣ୍ଡୋରା ଗାଁ ଭିତରକୁ ପଶି ଆସିଥିଲା । ଗ୍ରାମବାସୀମାନେ ଭାଲୁଟିକୁ ମାରିବା ପାଇଁ ଗୋଡ଼ାଇବାରୁ ନିଜ ଜୀବନ ବଞ୍ଚାଇବାକୁ ଭାଲୁଟି ଭୟଭୀତ ହୋଇ ଏକ ଗଛ ଉପରକୁ ଚଢ଼ିଗଲା । ତଥାପି କ୍ରୋଧିତ ଜନତା ତା ଉପରକୁ ପଥର, କୁରାଢ଼ି ଓ ବାଡ଼ିରେ ଆକ୍ରମଣ କରିଥିଲେ । ଆହତ ଭାଲୁଟି ଜୀବନ ବଞ୍ଚାଇବା ପାଇଁ ଗଛ ଉପରେ ହିଁ ରହିଥିଲା । ଶେଷରେ ଉତ୍ତ୍ୟକ୍ତ ଲୋକମାନେ ବାଡ଼ି ଓ କାଠ ଦ୍ୱାରା ଅସହାୟ ଭାଲୁଟିକୁ ଜୀବନ୍ତ ଜାଳିଦେଇଥିଲେ ।ସାମାଜିକ ଗଣମାଧ୍ୟମରେ ଏହି ଘଟଣା ଭାଇରାଲ ହେବା ପରେ ବ୍ୟାପକ ଜନଅସନ୍ତୋଷ ସୃଷ୍ଟି ହୋଇଥିଲା ଏବଂ ଅନେକ ସଂଗଠନ ଏହି ନିର୍ମମ ହତ୍ୟାକୁ ତୀବ୍ର ନିନ୍ଦା କରିଥିଲେ ।ସେତେବେଳେ ଦିଲ୍ଲୀରେ ରହୁଥ ?ବା କାଶ୍ମୀର ମହିଳା ଆଲିଆ ମୀର ଏହି ଭଡ଼ିଓ ଦେଖି ଗଭୀର ଭାବରେ ମର୍ମାହତ ହୋଇଥିଲେ କାରଣ ସେ ଛୋଟବେଳୁ ପଶୁପକ୍ଷୀଙ୍କ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ଥିଲେ ଏବଂ ଘଟଣାଟି ତାଙ୍କ ନିଜ ରାଜ୍ୟରେ ଘଟିବା ହିଁ ତାଙ୍କୁ ଅଧିକ କଷ୍ଟ ଦେଇଥିଲା । ତାଙ୍କ ବାପା ଆହତ ପଶୁ ପକ୍ଷୀମାନଙ୍କୁ ଖାଇବାକୁ ଦେବା ସହିତ ସେମାନଙ୍କ ଯତ୍ନ ନେଉଥିଲେ । ଆଲିଆ ଓ ତାଙ୍କ ଭାଇଭଉଣୀମାନେ ଏଥିରେ ସହଯୋଗ କରୁଥିଲେ, ଯେଉଁଥିପାଇଁ ପଶୁପକ୍ଷୀଙ୍କ ପ୍ରତି ତାଙ୍କର ଗଭୀର ସହାନୁଭୂତି ଓ ମମତା ଜାଗ୍ରତ ହୋଇଥିଲା ।ଆଲିଆ ମୀର ନିଜ ଜନ୍ମ ସ୍ଥାନ କାଶ୍ମୀରରେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରି ଉଚ୍ଚ ଶିକ୍ଷା ପାଇଁ ଦିଲ୍ଲୀ ଯାଇଥିଲେ ଏବଂ ସେଠାରେ ଗଣିତରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ଏହାପରେ ସେ ଏକ ସ୍କୁଲରେ ଗଣିତ ଶିକ୍ଷୟିତ୍ରୀ ଭାବେ କାମ ଆରମ୍ଭ କରିଥିଲେ ଏବଂ ନିଜ ପେଶାଗତ ଜୀବନରେ ସମ୍ପୂର୍ଣ୍ଣଭାବେ ବ୍ୟସ୍ତ ହୋଇଯାଇଥିଲେ । ୨୦୦୨ ରେ ତାଙ୍କ ବିବାହ ବନ୍ୟପ୍ରାଣୀ ପଶୁ ଚିକିତ୍ସକ ଡ. ଶଦ୍ଦିର ଅହମଦଙ୍କ ସହ ହୋଇଥିଲା । ବିବାହ ପରେ ପଶୁ ପକ୍ଷୀଙ୍କ ପ୍ରତି ତାଙ୍କ ଛୋଟବେଳର ଭଲପାଇବା ଧୀରେ ଧୀରେ ଗଭୀର ଆଗ୍ରହରେ ପରିଣତ ହୋଇଥିଲା ଏବଂ ସେ ଶିକ୍ଷୟିତ୍ରୀ ଭାବରେ କାମ କରିବା ସ ?ହିତ ୱସକ୍ଷୟକ୍ଷସଲର ଝଙ୍ଗଝର ଭେଟେରିନାରୀ ମେଡିକାଲ କ୍ୟାମ୍ପରେ ସେଚ୍ଛାସେବୀ ଭାବେ କାମ ଆରମ୍ଭ କରି ତୃଣମୂଳ ସ୍ତରରେ ଅନେକ ବ୍ୟାବାହାରିକ ଅଭିଜ୍ଞତା ହାସଲ କରିଥିଲେ । ୨୦୦୬ରେ ଭାଲୁଟିର ନିର୍ମମ ହତ୍ୟା ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା । ଏହି ଘଟଣାରେ ବିଚଳିତ ହୋଇ ସେ ନିଜ ରାଜ୍ୟ କାଶ୍ମୀରକୁ ଫେରି ବନ୍ୟଜନ୍ତୁଙ୍କସୁରକ୍ଷା ଓ ଉଦ୍ଧାର ପାଇଁ କାମ କରିଥିଲେ । ତାଙ୍କ ସ୍ୱାମୀ ଏହି କାର୍ଯ୍ୟକୁ ସମ୍ପୂର୍ଣ ସମର୍ଥନ କରିଥିଲେ । ବନ୍ୟ ଜନ୍ତୁ ଉଦ୍ଧାରକୁ ନିଜ ଜୀବନର ଲକ୍ଷ୍ୟ କରିବା ପରେ ସେ ନିଜର ବୈଷୟିକ ଜ୍ଞାନକୁ ଆହୁରି ସୁଦୃଢ଼ କରିବା ପାଇଁ ଡିଜାଷ୍ଟର ମ୍ୟାନେଜମେଣ୍ଟରେ ଡିପ୍ଲୋମା କରିଥିଲେ ଯେଉଁଥିରେ ଆନିମାଲ ହେଲଥ୍ ଏବଂ ୱାଇଲଡ୍ ଲାଇଫ୍ କେୟାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ୨୦୦୭ମସିହାରେ ଆଲିଆ ଦିଲ୍ଲୀରୁ କାଶ୍ମୀର ଫେରିଥିଲେ ଏବଂ ୱସକ୍ଷୟକ୍ଷସଲର ଝଙ୍ଗଝର ଜାମ୍ମୁ କାଶ୍ମୀରର ପ୍ରକଳ୍ପ ଦାୟିତ୍ୱ ଗ୍ରହଣ କରିଥିଲେ ।ଯେତେବେଳେ ଆଲିଆ ମୀର କୌଣସି ବନ୍ୟଜନ୍ତୁକୁ ଉଦ୍ଧାର କରିବା ପାଇଁ ଘଟଣାସ୍ଥଳକୁ ଯାଆନ୍ତି, ମହିଳା ହୋଇଥିବାରୁ ତାଙ୍କୁ ପ୍ରାୟତଃ ସନ୍ଦେହ ଓ ନିରୁତ୍ସାହଜନିକ ମନ୍ତବ୍ୟର ସମ୍ମୁଖୀନ ହେବାକୁ ପଡ଼ ?, ଜଣେ ମହିଳା କିପରି ବନ୍ୟଜନ୍ତୁଙ୍କ ଉଦ୍ଧାର କରିପାରିବ ବୋଲି ଲୋକମାନେ ବ୍ୟଙ୍ଗାତ୍ମକ ମନ୍ତବ୍ୟ ଦିଅନ୍ତି । କିନ୍ତୁ ଯେତେବେଳେ ସେ ସହଜରେ ଉଦ୍ଧାର କାର୍ଯ୍ୟ ସମାପ୍ତ କରିଦିଅନ୍ତି ସେତେବେଳେ ସେମାନେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି । ବର୍ଷ ବର୍ଷ ଧରି ଆଲିଆ ମୀର କାଶ୍ମୀର ଉପତ୍ୟକାର ବିଭିନ୍ନ ସ୍ଥାନରେ ଶହ ଶହ ସାପ, ଚିତାବାଘ, ଭାଲୁ ଓ ପକ୍ଷୀଙ୍କୁ ଉଦ୍ଧାର କରିଛନ୍ତି । ତାଙ୍କର ସବୁଠାରୁ ଚର୍ଚ୍ଚିତ ସଫଳତା ମଧ୍ୟରୁ ଗୋଟିଏ ଥିଲା ଏକ ଅତ୍ୟନ୍ତ ବିଷାକ୍ତ ଲେବାଣ୍ଟାଇନ୍ ଭାଇପରକୁ ସୁରକ୍ଷିତ ଭାବେ ଧରିବା । ପ୍ରାୟ ଦୁଇ କିଲୋଗ୍ରାମ ଓଜନର ଏହି ସାପଟି ସେତେବେଳର ଜାମ୍ମୁ ଓ କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସରକାରୀ ବାସଭବନରୁ ଉଦ୍ଧାର କରାଯାଇଥିଲା । ଏହା ଆଲିଆ ମୀରଙ୍କୁ ସାରା ଦେଶରେ ପରିଚିତ କରିଥିଲା ଏବଂ ଜାତୀୟସ୍ତରରେ ଖବରର ଶିରୋନାମା ପାଲଟିଥିଲେ ।ବର୍ତ୍ତମାନ ଆଲିଆ ମୀର ୱସକ୍ଷୟକ୍ଷସଲର ଝଙ୍ଗଝର ଜାମ୍ମୁ ଓ କାଶ୍ମୀର ପ୍ରକଳ୍ପର ମୁଖ୍ୟ ଏବଂ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ସେ ନିୟମିତ ଭାବେ ଗାଁ ଗୁଡ଼ିକୁ ଯାଇ ବନ୍ୟଜନ୍ତୁ ନିକଟସ୍ଥ ଅଞ୍ଚଳରେ ଦେଖାଗଲେ କିପରି ପ୍ରତିକ୍ରିୟା କରିବାକୁ ହେବ, ସେ ବିଷୟରେ ସ୍ଥାନୀୟ ଲୋକଙ୍କୁ ସଚେତନ କରନ୍ତି । ବନ୍ୟଜନ୍ତୁଙ୍କୁ ପଥର ମାରିବା କିମ୍ବା ଆକ୍ରମଣ କରିବା ପରିବର୍ତ୍ତ ? ଶାନ୍ତ ରହି ତୁରନ୍ତ ଉଦ୍ଧାର ଦଳକୁ ଖବର ଦେବାକୁ ସେ ଲୋକମାନଙ୍କୁ ପରାମର୍ଶ ଦିଅନ୍ତି । ସେ ଏକଥା ମଧ୍ୟ କୁହନ୍ତି ଯେ ସନ୍ଧ୍ୟା କିମ୍ବା ଭୋର ସମୟରେ ଯେତେବେଳେ ବନ୍ୟଜନ୍ତୁ ମାନେ ଅଧିକ ସକ୍ରିୟ ଥାଆନ୍ତି, ସେତେବେଳେ କ୍ଷେତକୁ ଯିବା ସମୟରେ କେଉଁ ସତର୍କତା ଅବଲମ୍ବନ କରିବା ଉଚିତ୍ ।ଆଲିଆ ମୀରଙ୍କ ପ୍ରୟାସ କେବଳ ଅସଂଖ୍ୟ ବନ୍ୟଜନ୍ତୁଙ୍କ ଜୀବନ ବଞ୍ଚାଇନାହିଁ, ବରଂ କାଶ୍ମୀରର ଅନେକ ଲୋକଙ୍କ ମନରେ ବନ୍ୟଜନ୍ତୁ ଓ ମଣିଷ-ବନ୍ୟଜନ୍ତୁ ସଂଘର୍ଷ ପ୍ରତି ଥିବା ଧାରଣାକୁ ମଧ୍ୟ ବଦଳାଇଛି । ସ୍ଥାନୀୟ ସମୁଦାୟଙ୍କ ମଧ୍ୟରେ ସଚେତନ ?ତା ସୃଷ୍ଟି କରିବା ଓ ସହାବସ୍ଥାନକୁ ପ୍ରୋତ୍ସାହନ ଦେଇ ସେ ପ୍ରମାଣ କରିଛନ୍ତି ଯେ ସଂରକ୍ଷଣ କେବଳ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ନୁହେଁ; ମଣିଷର ମନୋଭାବ ବଦଳାଇବା ମଧ୍ୟ ଏହାର ମୁଖ୍ୟ ଅଂଶ । ୨୦୨୩ ମସିହା ମାର୍ଚ୍ଚ ମାସରେ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ ପାଇଁ ଜାମ୍ମୁ ଓ କାଶ୍ମୀର ସରକାର ତାଙ୍କୁ ସମ୍ମାନଜନକ ୱାଇଲଡଲାଇଫ୍ କନଜରଭେସନ୍ ଆୱାର୍ଡରେ ସମ୍ମାନିତ କରିଥିଲେ ।

ନିଜର ଦୃଢ଼ ସଂକଳ୍ପ ଓ ଅଦମ୍ୟ ଇଚ୍ଛାଶକ୍ତି ଦ୍ୱାରା ଆଲିଆ ମୀର ପ୍ରମାଣ କରିଛନ୍ତି ଯେ ପାରମ୍ପରିକ ଭାବେ ପୁରୁଷଙ୍କ ପାଇଁ ଉପଯୁକ୍ତ ବୋଲି ଧରାଯାଉଥିବା ବିପଦପୂର୍ଣ୍ଣ ପେଶାଗୁଡ଼ିକୁ ମହିଳାମାନେ ମଧ୍ୟ ସମାନ ଦକ୍ଷତା ଓ ନିଷ୍ଠାର ସହିତ କରିପାରିବେ ।

### ବିଶାଳ କାର୍ଯ୍ୟକର୍ତ୍ତା ସମ୍ମିଳନୀ

## ୧୨ ତମ ବେତନ ଚୁକ୍ତିନାମା ବିଳମ୍ବ କୁ ନେଇ ତାତିଲେ ଶ୍ରମିକ ଆନ୍ଦୋଳନ ପାଇଁ ସଜବାଜ




ଝାରସୁଗୁଡ଼ା, ୨୪/୮ : ଜିଲ୍ଲାର ବ୍ରଜରାଜନଗର ସ୍ଥିତ ଏମସିଏଲ କଲ୍ୟାଣ ମଣ୍ଡପ ପରିସରରେ (ଭାରତୀୟ ମଜଦୂର ସଙ୍ଘ) ର ବ୍ରଜରାଜନଗର ଇବ ଖଦାନ ମଜଦୂର ସଙ୍ଘ ଆନୁକୁଲ୍ୟରେ ୪ ଟି ଶ୍ରମିକ ମଜୁଦୁର ସଙ୍ଘ ସହମତି କ୍ରମେ ଗତ ୨୩ ତାରିଖ ଏକ ବିଶାଳ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବ୍ରଜରାଜନଗର ଇବ ଖଦାନ ମଜଦୂର ସଙ୍ଘ ସଭାପତି ଗୋବିନ୍ଦ ସିଂହ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଅଖିଳ ଭାରତୀୟ କୋଇଲା ଖଦାନ ମଜଦୂର ସଙ୍ଘ କୋଷାଧକ୍ଷ ଜୟନ୍ତ ଆଶୋଲେ ମୁଖ୍ୟ ଅତିଥି ଭାବେ ଯୋଗ ଶ୍ରମିକ ମାନଙ୍କ ସାମାଜିକ ସୁରକ୍ଷାକୁ ନେଇ ନିଜ ମତ ପ୍ରଦାନ କରିବା ସହ ୧୨ ତମ ବେତନ ଚୁକ୍ତିନାମା ଶିଘ୍ର ଲାଗୁ କରାଯାଉ ବୋଲି କୋଇଲା ମନ୍ତ୍ରାଳୟ ଓ କୋଇଲା ଇଣ୍ଡିଆ ପ୍ରବନ୍ଧକ କୁ ଚେତାବନୀ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଅଖିଳ ଭାରତୀୟ କୋଇଲା ଖଦାନ କାର୍ଯ୍ୟକାରୀ ସଭାପତି ରଞ୍ଜନ ବେହେରା, ସେକ୍ରେଟାରୀ ଶୁଶ୍ରୀ ସୁସ୍ମିତା ପଟେଲ, ତାଳଚେର କୋଇଲାଖଣି ସଂଘ ସଭାପତି କିଶୋର ଚ଼ନ୍ଦ୍ର ପ୍ରଧାନ,ସେକ୍ରେଟାରୀ ବିରେନ୍ ଖ୍ୱଲାର,ବସୁନ୍ଧରା କୋଇଲା ଖଣି ସଂଘ ସଭାପତି ଅଜୟ ଶତପଥୀ ବ୍ରଜରାନଜଗର ଇବ ଖଦାନ ମଜଦୂର ସଙ୍ଘ ସେକ୍ରେଟାରୀ ପ୍ରଭାକର ସିଂ ପ୍ରମୁଖ ଯୋଗ ଦେଇଥିଲେ ।ଏହି ସମ୍ମିଳନୀ ରେ ଏମସିଏଲ ବ୍ରଜରାଜନଗର ଇବ ଖଦାନ ମଜଦୂର ସଙ୍ଘ, ତାଳଚେର କୋଇଲାଖଣି ମଜଦୂର ସଙ୍ଘ, ବସୁନ୍ଧରା କୋଲିଆରୀ ମଜୁଦୁର ସଙ୍ଘ, ମହାନଦୀ କୋଇଲା କର୍ମଚ଼ାରୀ ସଂଘ ଏମସିଏଲ ମୁଖ୍ୟାଳୟ ର ୫୦୦ ଉର୍ଦ୍ଧ ଶ୍ରମିକ ଯୋଗଦାନ କରିଥିଲେ । ବ୍ରଜରାଜନଗର ଇବ ଖଦାନ ମଜଦୂର ସଙ୍ଘ ସଙ୍ଗଠନ ମନ୍ତ୍ରୀ ସୁଜିତ ଝା ମଞ୍ଚ ପରିଚ଼ାଳନା କରିଥିଲେ । ଶେଷରେ ଇବ ଖଦାନ ମଜଦୂର ସଙ୍ଘ ସଭାପତି ଗୋବିନ୍ଦ ସିଂହ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ମାହେଶ୍ୱରୀ ଯୁବ ଶକ୍ତି ତରଫରୁ ଦୁର୍ଲଭ ଔଷଧୀୟ ଚ଼ାରାରୋପଣ କାର୍ଯ୍ୟକ୍ରମ

ଆଠମଲ୍ଲିକ ୨୪/୦୮ (ପ୍ରତିଶବ୍ଦ ନ୍ୟୁଜ )-: ସ୍ଥାନୀୟ ମାହେଶ୍ୱରୀ ଯୁବ ଶକ୍ତି ତରଫରୁ ପୋଲିସ ବନ୍ଧ ହୁଡା ରେ ଔଷଧୀୟ ବୃକ୍ଷ ର ଚ଼ାରା ରୋପଣ କରା ଯାଇଥିଲା । ଶ୍ରାବଣ ର ଶେଷ ସୋମବାର ରେ ଜନ କଲ୍ୟାଣ ଉଦ୍ଦେଶ୍ୟ ରେ ବିଭିନ୍ନ ଦୁର୍ଲଭ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା ଏବଂ ଗଛ ଗୁଡିକ ର ଯତ୍ନ ନେବା ଓ ଭବିଷ୍ୟତ ରେ ଗଛ ରୋପଣ କାର୍ଯ୍ୟକ୍ରମ କୁ ଯୁବ ଶକ୍ତି ତରଫରୁ ବ୍ୟାପକ କରିବା ପାଇଁ ସଂଘ ର କର୍ମକର୍ତା ମାନେ ସଂକଳ୍ପ ନେଇଥିଲେ ।ଆଜିର ପ୍ରଦୂଷିତ ପରିବେଶ କୁ ସୁଧାରିବାକୁ ହେଲେ ବୃକ୍ଷ ହିଁ ଏକମାତ୍ର ରାସ୍ତା ବୃକ୍ଷ ହିଁ ଜୀବନ ବୋଲି କର୍ମ କର୍ତା ତଥା ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଇଥିଲେ ।ଏହି କାର୍ଯ୍ୟକ୍ରମ ରେ ମାହେଶ୍ୱରୀ ଯୁବ ଶକ୍ତି ର ସଭାପତି ଦୁର୍ଗାପ୍ରସାଦ ଜ୍ୟୋତିଷରାୟ ଙ୍କ ନେତୃତ୍ୱ ରେ ବହୁ ସଭ୍ୟ ଉପସ୍ଥିତ ରହି ଚ଼ାରା ରୋପଣ ରେ ସହଯୋଗ କରିଥିଲେ । ସଭ୍ୟ ମାନଙ୍କ ମଧ୍ୟରେ ଭବାନୀ ପ୍ରସାଦ



ଜ୍ୟୋତିଷରାୟ, ଶିବାଶିଷ ରାଉତ,ପାର୍ଥ ସାରଥୀ ବେହେରା,ସୁବୋଧ ଆଚ଼ାର୍ଯ୍ୟ,ନୂତନ ବେହେରା, ଶୈଳ ବାଳା ଅମାନ୍ତ, ଅନୁପମା ତ୍ରିପାଠୀ, ପ୍ରଭାକର କଅଁର, ରାଜେନ୍ଦ୍ର କ୍ଷେତି, ବିଜୟ ପାତ୍ର,ଟୁକୁନା ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଯୁବଶକ୍ତି କର୍ମକର୍ତା ଙ୍କ ଏହିପରି କାର୍ଯ୍ୟ କୁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ପ୍ରଶଂସା କରିଥିଲେ ।


## ଏସ୍‌ଡିସି ଭବନ ଉଦ୍‌ଘାଟିତ



ଝାରସୁଗୁଡ. ୨୪/୮ : ରାଜସ୍ୱ, ବିପର୍ଯ୍ୟୟ ଓ ପରିଚ଼ାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ୧୬ ତାରିଖ ଏସ୍‌ଡିସି (SDC) ଭବନର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏସ୍‌ଡିସି ଅଧ୍ୟକ୍ଷ ସାମଲ ନାଏକ, ଜିଲ୍ଲାପାଳ କୁଣାଲ ମୋତିରାମ ଚ଼ହ୍ୱାଣ, ଆରକ୍ଷୀ ଅଧୀକ୍ଷକ ଜି ଆର ରାଘବେନ୍ଦ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଡେପୁଟି କଲେକ୍ଟର ଆମ୍ରିତ ଆଚ଼ାର୍ଯ୍ୟ, ଝାରସୁଗୁଡା ତହସିଲଦାର, ସଦକ୍ଷକର କୁମ୍ଭାରଙ୍କ ସମେତ ବହୁ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

ଭବନ ଉଦ୍‌ଘାଟନ ପରେ ଏକ ବୈଠକ ଅନୁଷ୍ଠିତ ହୋଇ ଉଚ୍ଚଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଓ ଶିକ୍ଷାର ଗୁଣାତ୍ମକ ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚ଼ନା କରାଯାଇଥିଲା । ଉଚ୍ଚ଼ଶିକ୍ଷାର ବିକାଶ, ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ସୁଯୋଗ ପ୍ରଦାନ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକର ସାମଗ୍ରିକ ଉନ୍ନତି ପାଇଁ ବ୍ୟାପକ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇଥିଲା ।

## ସୁବ୍ୟବସ୍ଥିତ ଭୋଟର ଶିକ୍ଷା ଓ ନିର୍ବାଚ଼ନ ଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ




ବ୍ରଜରାଜନଗର, ୨୪/୮ : ଭାରତୀୟ ନିର୍ବାଚ଼ନ ଆୟୋଗଙ୍କ ଦ୍ୱାରା ପରିଚ଼ାଳିତ ଏହି ଫ୍ଲାଗସିପ୍ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନାଗରିକଙ୍କ ମଧ୍ୟରେ ଭୋଟର ସଚେତନତା ସୃଷ୍ଟି କରିବା, ଭୋଟର ତାଲିକାରେ ନାମ ପଞ୍ଜୀକରଣ ବୃଦ୍ଧି କରିବା ଏବଂ ନିର୍ବାଚ଼ନ ପ୍ରକ୍ରିୟାରେ ସମସ୍ତ ଯୋଗ୍ୟ ଭୋଟରଙ୍କୁ ଭାଗ ନେବା ପାଇଁ ଉତ୍ସାହିତ କରିବା କ୍ଷ ଏହି ପରିପ୍ରେକ୍ଷୀରେ ଗଣତାନ୍ତ୍ରିକ ବ୍ୟବସ୍ଥାର ସୁଦୃଢ଼ୀକରଣ ତଥା ନିର୍ବାଚ଼ନରେ ଯୁବପିଢ଼ିଙ୍କ ଅଂଶଗ୍ରହଣ ବୃଦ୍ଧି ଲକ୍ଷ୍ୟରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚ଼ନ ଅଧିକାରୀ କୁଣାଲ ମୋତିରାମ ଚ଼ହ୍ୱାଣଙ୍କ ମାର୍ଗଦର୍ଶନରେ ବ୍ରଜରାଜନଗର କଲେଜ ପରିସରରେ 'SVEEP। କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ଭୋଟର ସଚେତନତା ଓ ଭୋଟର ତାଲିକା ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି । 'Greater Participation for a Stronger Democracy' (ସୁଦୃଢ଼ ଗଣତନ୍ତ୍ର ପାଇଁ ବ୍ୟାପକ ଭାଗୀଦାରୀ) ଆଭିମୁଖ୍ୟକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ନୂତନ ଏବଂ ଭାବୀ ଯୁବ ଭୋଟରଙ୍କୁ ଭୋଟଦାନର ମହତ୍ତ୍ୱ ତଥା ନିର୍ବାଚ଼ନ ପ୍ରକ୍ରିୟା ବିଷୟରେ ଅବଗତ କରାଯାଇଛି ।ଶିବିରରେ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ଚ଼ନ୍ଦ୍ରମଣି ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଦେଶର ଭବିଷ୍ୟତ ଗଠନରେ ଯୁବ ଭୋଟରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୧୮ ବର୍ଷ ବୟସ ପୂରଣ କରିଥିବା ପ୍ରତ୍ୟେକ ଯୁବକ-ଯୁବତୀ ଭୋଟର ତାଲିକାରେ ନିଜ ନାମ ପଞ୍ଜୀକରଣ କରିବା ଏବଂ ନିର୍ଭୟ ତଥା ସଚେତନତାର ସହ ନିଜର ମତ ସାବ୍ୟସ୍ତ କରିବା ଏକ ନାଗରିକ କର୍ତ୍ତବ୍ୟ ବୋଲି ସେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ବିଜୟ ସାହୁ ଏବଂ ରାଜନୀତି ବିଜ୍ଞାନ ଅଧ୍ୟାପିକା ପଦ୍ମା ମହାପାତ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସମ୍ବିଧାନ ପ୍ରଦତ୍ତ ଭୋଟର ଅଧିକାର ଏବଂ ଏହାର ଉପଯୁକ୍ତ ବ୍ୟବହାର ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ଏଥିସହ ଉପସ୍ଥିତ ସୁପରଭାଇଜର ଓ ବିଏଲ୍ ?ଓ ମାନଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଭୋଟର ତାଲିକାରେ ନାମ ଯୋଡ଼ିବା ପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ ପ୍ରଣାଳୀ ତଥା ଅନ୍‌ଲାଇନ୍ 'ଭୋଟର ହେଲ୍ପଲାଇନ୍ ଆପ୍'ର ବ୍ୟବହାର ବିଷୟରେ ବିସ୍ତୃତ ତାଲିମ ପ୍ରଦାନ କରାଯାଇଥିଲା । ଏହି ସଚେତନତା ଶିବିରରେ କଲେଜର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ କର୍ମଚ଼ାରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ।

## ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୨୪/୮ : ଝାରସୁଗୁଡ଼ା ନିର୍ବାଚ଼ନ ମଣ୍ଡଳୀ ଅନ୍ତର୍ଗତ ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟ ପରିସରରେ ଗତ ୧୮ ତାରିଖ ଇଲେକ୍ଟୋରାଲ ଲିଟେରାସି କ୍ଲବ୍ ପକ୍ଷରୁ ଏକ ଭୋଟର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ନିର୍ବାଚ଼ନ ପଞ୍ଜୀକରଣ ଅଧିକାରୀ ତଥା ଝାରସୁଗୁଡ଼ା ଉପ-ଜିଲ୍ଲାପାଳ ସବ୍ୟସାଚ଼ୀ ପଣ୍ଡା ଏବଂ ସହକାରୀ ନିର୍ବାଚ଼ନ ପଞ୍ଜୀକରଣ ଅଧିକାରୀ ତଥା ଝାରସୁଗୁଡ଼ା ପୌର ନିର୍ବାହୀ ଅଧିକାରୀ ନିଶିକାନ୍ତ ଟେଟେ ଏଥିରେ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରୀ ତଥା ଅଧ୍ୟାପିକା-ଅଧ୍ୟାପକ ସକ୍ରିୟ ଭାଗ ନେଇଥିଲେ । ଏହି ଅବସରରେ ଉପସ୍ଥିତ ଯୁବ ତଥା ପ୍ରଥମ ଥର ଭୋଟ ଦେବାକୁ ଥିବା ଛାତ୍ରୀମାନଙ୍କୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିଷ୍ଠାପର ଏବଂ ନୈତିକ ଭାଗିଦାରୀ ସମ୍ପର୍କରେ ଅବଗତ କରାଯାଇଥିଲା । ଗଣତନ୍ତ୍ରରେ ପ୍ରତ୍ୟେକ ଭୋଟର ମୂଲ୍ୟ କେତେ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବିଧାନ ପ୍ରଦତ୍ତ ନିର୍ବାଚ଼ନୀ ଅଧିକାର ତଥା ଦାୟିତ୍ୱ କିପରି ଦେଶ ଗଠନରେ ସହାୟକ ହୁଏ, ସେ ବିଷୟରେ ବକ୍ତାମାନେ ଆଲୋକପାତ କରିଥିଲେ । ଏହା ସହିତ ଇଆରଓ ଶ୍ରୀ ପଣ୍ଡା ଯୁବପିଢ଼ିଙ୍କ ପାଇଁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପ୍ରକ୍ରିୟା ଏବଂ ବର୍ତ୍ତମାନ ଚ଼ାଲୁ ରହିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଉପରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ୧୮ ବର୍ଷ ବୟସ ପୂରଣ କରିଥିବା ପ୍ରତ୍ୟେକ ଯୋଗ୍ୟ ନାଗରିକ ନିଜ ନାମ ଭୋଟର ତାଲିକାରେ ସାମିଲ କରିବା ସହ ନିଜ ଅଧିକାର ସାବ୍ୟସ୍ତ କରିବାକୁ ସେ ଆହ୍ୱାନ ଦେଇଥିଲେ ।

## ଶେଷ ସୋମବାର ରେ ଦେଉଳଝରି ଓ ପାଖ ଅଞ୍ଚଳ କାଉଡିଆ ମୟ



ଆଠମଲ୍ଲିକ ୨୪/୦୮ (ପ୍ରତିଶବ୍ଦ ନ୍ୟୁଜ ): ଦେଉଳଝରି ଉଷ୍ମ ପ୍ରସ୍ରବଣ ଓ ଶୈବପୀଠ ଆଠମଲ୍ଲିକ ତଥା ରାଜ୍ୟ ର ଏକ ସର୍ବ ପୁରାତନ ଶୈବପୀଠ ହୋଇଥିବା ଯୋଗୁଁ ଦୂର ଦୁରାନ୍ତ ରୁ ବହୁ ଭକ୍ତ ଜଳ ଲାଗି ପାଇଁ ଦେଉଳଝରି ଆସିଥାନ୍ତି ଅନୁରୂପ ଭାବରେ ଏଥର ଅସଂଖ୍ୟ ଶିବ ଭକ୍ତ ଜଳ ଲାଗି କରିବା ପାଇଁ ପାଖ ଆଖ ରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା । ପ୍ରବଳ ଭିଡ଼ କୁ ଦୃଷ୍ଟି ରେ ରଖି ପ୍ରଶାସନ ଏବଂ ସ୍ଥାନୀୟ ବ୍ୟବସାୟୀ ଙ୍କ ତରଫରୁ ସହର ର ୪-୫ ଟି ସ୍ଥାନରେ ବ୍ୟାପକ ସୁବିଧା କରାଯାଇଥିଲା କ୍ଷକାଉଡିଆ ଙ୍କ ବିଶ୍ରାମ ସ୍ଥାନ, ଜଳପାନ, ଚ଼ା କଫି, ତଥା ରାତ୍ରି ଭୋଜନ ର ସୁ ବ୍ୟବସ୍ଥା ହୋଇଥିଲା । ସର୍ବତ୍ର ଭଜନ, କୀର୍ତନ, ପୂଜା ପାଠ ତଥା ଗେରୁଆ ରଙ୍ଗ ରେ ସଜ୍ଜିତ ଭକ୍ତ ମାନଙ୍କ ବେଶ ଏକ ନିଆରା ପରିବେଶ ସୃଷ୍ଟି କରିଥିଲା ମନ୍ଦିରରେ ରାତି ୪ ଟା ରୁ ଶୃଙ୍ଖଳା ମଧ୍ୟରେ ଧାଡି ରେ ଭକ୍ତ ମନେ ଶିବ ଦର୍ଶନ କରିଥିଲେ ।ମୋଟ ଉପରେ କହିବାକୁ ଗଲେ ଯଦପୁର ଠାରୁ ଦେଉଳଝରି ୧୦ କି. ମି ରାସ୍ତା ଓ ଆଖ ପାଖ ଅଞ୍ଚଳ ପରିବେଶ ଶିବମୟ ହୋଇଯାଇଥିଲା କାଉଡିଆ ଙ୍କ ଚ଼ଳିତ ବର୍ଷ ଆଜି ଶେଷ ସୋମବାର ହୋଇଥିବାରୁ ଏବଂ ଜଳ ଲାଗି ପାଇଁ ଆଉ ଏକ ବର୍ଷ ର ଅପେକ୍ଷା ମନ ଭିତରେ ଭାବବିହ୍ୱଳତା ବାରି ହେଉଥିଲା ।

## କୀର୍ତ୍ତନ ମଣ୍ଡପର ଉନ୍ନତିକରଣ କାର୍ଯ୍ୟର ଉଦଘାଟନ କଲେ ବିଧାୟକ




ଝାରସୁଗୁଡ଼ା . ୨୪/୮ : ଝାରସୁଗୁଡ଼ା ପୌରାଞ୍ଚଳ ଅନ୍ତର୍ଗତ ୮ ନମ୍ବର ୱାର୍ଡ ପଞ୍ଚପଡ଼ା ଗ୍ରାମରେ କୀର୍ତ୍ତନ ମଣ୍ଡପର ଉନ୍ନତୀକରଣ କାର୍ଯ୍ୟର ଉଦଘାଟନ ହୋଇଯାଇଛି । ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏହାର ଶୁଭାରମ୍ଭ କରିଛନ୍ତି । ନିର୍ବାଚ଼ନ ପରେ ଗ୍ରାମବାସୀଙ୍କ ସହ ଆଲୋଚ଼ନା ସମୟରେ ଗ୍ରାମର ବିଭିନ୍ନ ଆବଶ୍ୟକତା ନେଇ ୧୦ଟି ପ୍ରମୁଖ ଦାବି ରଖାଯାଇଥିଲା । ଗ୍ରାମର ରାସ୍ତାଘାଟ, ଗମନାଗମନ ଓ ସ୍ନାନଘାଟ ଆଦି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ପ୍ରାୟ ୧୫ ରୁ ୨୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଗ୍ରାମବାସୀଙ୍କ ଦାବି ଅନୁସାରେ କୀର୍ତ୍ତନ ମଣ୍ଡପର ଉନ୍ନତୀ କରଣ ଓ ରେଲିଂ ଲଗାଇବା ପାଇଁ ବିଧାୟକ ଲୋକସେବା ପାଣ୍ଠି ରୁ ୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଗ୍ରାମବାସୀଙ୍କ ମିଳିତ ସହଯୋଗରେ ପଞ୍ଚପଡ଼ାକୁ ଏକ ଆଦର୍ଶ ଗ୍ରାମ ଏବଂ ପୌରାଞ୍ଚଳର ଏକ ଆଦର୍ଶ ୱାର୍ଡରେ ପରିଣତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ବିଧାୟକ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ ଓ ପ୍ରମୁଖ ବ୍ୟକ୍ତି ବିଶେଷ ପ୍ରମୁଖ ଉପସ୍ଥିତ ଥିଲେ ।

## ବେଲପାହାଡ଼ରେ ହେବ ୩୨ତମ ରାଜ୍ୟସ୍ତରୀୟ ଉସୁ ଚ଼ାମ୍ପିଅନ୍‌ସିପ୍

ଝାରସୁଗୁଡ଼ା, ୨୪/୮ :ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ରେ ଆୟୋଜିତ ହେବ ୩୨ ତମ ରାଜ୍ୟସ୍ତରୀୟ ଉସୁ ଚ଼ାମ୍ପିଅନସିପ୍ । ଆସନ୍ତା ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଏହି ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହେବ ବୋଲି ୧୯ ତାରିଖ ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚ଼ନା ଦିଆଯାଇଛି । ଏହି ପ୍ରତିଯୋଗିତାରେ ରାଜ୍ୟର ୨୩ଟି ଜିଲ୍ଲାରୁ ୩୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ । ସବ୍-ଜୁନିଅର, ଜୁନିଅର ଓ ସିନିଅର ତିନିଟି ବର୍ଗରେ ପ୍ରତିଯୋଗିତା ଆୟୋଜିତ ହେବ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିଭାବାନ ପ୍ରତିଯୋଗୀମାନେ ଏଥିରେ ଯୋଗଦେଇ ନିଜର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିବେ ।

## ରାଷ୍ଟ୍ରପତି ଭବନରେ ଝାରସୁଗୁଡ଼ାର ଝିଅ ଭେଷମତୀ



ଝାରସୁଗୁଡ଼ା ୨୪/୮ : ଜିଲ୍ଲାର ଲଇକେରା ବ୍ଲକ ଅନ୍ତର୍ଗତ ତିଲେଇମାଲ ଗ୍ରାମର ଝିଅ ଭେଷମତୀ ନାଏକ ଓରମାସ ଅଧୀନରେ ଡ଼ି.ଡ଼ି.ୟୁ.-ଜି.କେ.ୱାଇ (ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା) ରେ ପ୍ରଶିକ୍ଷିତ ଜଣେ ସଫଳ ପ୍ରାର୍ଥୀ ଭାବେ ସ୍ୱାଧୀନତା ଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ କଲଚ଼ରାଲ୍ ସେଣ୍ଟରରେ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ 'ଆଟ୍-ହୋମ୍' ରିସେପସନ୍‌ରେ ଯୋଗଦେବା ପାଇଁ ଆମନ୍ତ୍ରିତ ହୋଇଥିଲେ । ତାଙ୍କର ଏହି ଆମନ୍ତ୍ରଣ ଜଣେ ଗ୍ରାମୀଣ ଯୁବତୀଙ୍କ ଦକ୍ଷତା ବିକାଶରୁ ଆରମ୍ଭ କରି ସଫଳ କର୍ମଜୀବନ ପର୍ଯ୍ୟନ୍ତର ପ୍ରେରଣାଦାୟୀ ଯାତ୍ରାର ବଳିଷ୍ଠ ପ୍ରମାଣ ।ସୂଚ଼ନା ଯୋଗ୍ୟ ଯେ, ଓଡ଼ିଶାରେ ଡ଼ି.ଡ଼ି.ୟୁ.-ଜି.କେ.ୱାଇ କାର୍ଯ୍ୟକ୍ରମଟି ଓଡ଼ିଶା ସରକାରଙ୍କ ସହଯୋଗରେ ଓଡ଼ିଶା ରୁରାଲ୍ ଡେଭଲପମେଣ୍ଟ ଆଣ୍ଡ ମାର୍କେଟିଂ ସୋସାଇଟି (ଓରମାସ) ମାଧ୍ୟମରେ କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ଗ୍ରାମୀଣ ଯୁବକ-ଯୁବତୀଙ୍କ ଦକ୍ଷତା ବିକାଶ, ନିଯୁକ୍ତି ସୁଯୋଗ ଏବଂ ସ୍ଥାୟୀ ଜୀବିକା ସୃଷ୍ଟି ଉପରେ କ୍ରମାଗତ ଭାବେ ଗୁରୁତ୍ୱ ଦେଉଅଛି । ସେ ୨୦୧୬ ମସିହାରେ ଡ଼ି.ଡ଼ି.ୟୁ.-ଜି.କେ.ୱାଇ ଅଧୀନରେ ହସ୍ପିଟାଲିଟି ବିଷୟରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଏହି ପ୍ରଶିକ୍ଷଣ ପି.ଆଇ.ଏ.- ମଲ୍ଟି କେୟାର ସର୍ଭିସେସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍, ଭୁବନେଶ୍ୱର ମାଧ୍ୟମରେ ପ୍ରଦାନ କରାଯାଇଥିଲା । ପାରିବାରିକ ଓ ଆର୍ଥିକ ପରିସ୍ଥିତି ଯୋଗୁଁ ସେ ଉଚ୍ଚ଼ଶିକ୍ଷା ଜାରି ରଖିପାରିନଥିଲେ । ତେଣୁ ଦକ୍ଷତା ବିକାଶକୁ ନିଯୁକ୍ତି ଓ ଆର୍ଥିକ ସ୍ୱାବଲମ୍ବନର ମାଧ୍ୟମ ଭାବେ ବାଛିନେଇଥିଲେ । ପ୍ରଶିକ୍ଷଣ ସମାପ୍ତ କରିବା ପରେ ସେ ତାମିଲନାଡୁର ଉଟିରେ ମାସିକ ୬,୦୦୦ ଦରମାରେ ନିଜର କର୍ମଜୀବନ ଆରମ୍ଭ କରିଥିଲେ । ପ୍ରାୟ ଏକ ଦଶନ୍ଧି ଧରି ନିଷ୍ଠା, ପରିଶ୍ରମ ଓ ବୃତ୍ତିଗତ ଅଭିଜ୍ଞତା ହାସଲ କରିବା ପରେ ବର୍ତ୍ତମାନ ସେ ଆଇ.ଆଇ.ଏମ୍, ସମ୍ବଲପୁରରେ କାର୍ଯ୍ୟରତ ଅଛନ୍ତି ଏବଂ ମାସିକ ୩୫,୦୦୦ ଆୟ କରୁଛନ୍ତି । ନିଜ ଆୟ ମାଧ୍ୟମରେ ସେ ପରିବାରକୁ ସହଯୋଗ କରିବା ସହ ଜୀବନଯାପନର ମାନରେ ଉନ୍ନତି ଆଣିଛନ୍ତି ଏବଂ ଅଧିକ ଆର୍ଥିକ ସ୍ଥିରତା ହାସଲ କରିଛନ୍ତି ।ଡ଼ି.ଡ଼ି.ୟୁ.-ଜି.କେ.ୱାଇରେ ପ୍ରଶିକ୍ଷଣ ନେଇ ନିଜ କର୍ମଜୀବନରେ ସଫଳତା ହାସଲ କରିଥିବା ଭେଷମତୀ ନାଏକଙ୍କ ଯାତ୍ରା ଓଡ଼ିଶା ସମେତ ସମଗ୍ର ଦେଶର ଗ୍ରାମୀଣ ଯୁବପିଢ଼ି ପାଇଁ ଏକ ପ୍ରେରଣା । ତାଙ୍କର ଏହି ଯାତ୍ରା ପ୍ରମାଣ କରେ ଯେ ଦକ୍ଷତା ବିକାଶ, ନିଯୁକ୍ତି ସୁଯୋଗ ଓ ନିରନ୍ତର ପ୍ରୟାସ ଯୁବକ-ଯୁବତୀଙ୍କୁ ସାମାଜିକ ଓ ଆର୍ଥିକ ଆହ୍ୱାନକୁ ଅତିକ୍ରମ କରି ସ୍ୱାବଲମ୍ବନ ଦିଗରେ ଆଗେଇ ନେଇପାରେ । ରାଷ୍ଟ୍ରପତି ଭବନରେ ଆୟୋଜିତ 'ଆଟ୍-ହୋମ୍' ରିସେପସନ୍‌କୁ ତାଙ୍କର ଆମନ୍ତ୍ରଣ ଓଡ଼ିଶା ପାଇଁ ଗର୍ବର ବିଷୟ ହେବା ସହ ଓଡ଼ିଶା ସରକାର ଓ ଓରମାସର ସହଯୋଗରେ ଡ଼ି.ଡ଼ି.ୟୁ.-ଜି.କେ.ୱାଇର ସଫଳ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଷ୍ଟୋନ୍ ଭାବେ ପରିଗଣିତ ହୋଇପାରିଛି ।ତାଙ୍କର ସଫଳତାର କାହାଣୀ ପ୍ରମାଣ କରେ ଯେ, ଦକ୍ଷତା ବିକାଶ ଗ୍ରାମୀଣ ଯୁବକ-ଯୁବତୀଙ୍କ ପାଇଁ ନିଯୁକ୍ତି, ଆର୍ଥିକ ସଶକ୍ତିକରଣ ଓ ସମ୍ମାନଜନକ ଜୀବିକାର ନୂଆ ପଥ ସୃଷ୍ଟି କରିପାରେ ।

ଏଥିସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭେସମତୀ ନାଏକଙ୍କୁ ଅଗଷ୍ଟ ୧୪ ତାରିଖରେ ଜିଲ୍ଲାପାଳ କୁଣାଲ ମୋତିରାମ ଚ଼ହ୍ୱାଣ ମଧ୍ୟ ଭେଟିଥିଲେ । ଜିଲ୍ଲାପାଳ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଓରମାସ ର ଡେପୁଟୀ ସିଇଓ ଯୁବରାଜ ସାହୁ ଉପସ୍ଥିତ ରହିଥିଲେ ।

## ବିଜେପି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଆୟୋଜିତ




ଝାରସୁଗୁଡ ୨୪/୮ : ବିଟିଏମ ସ୍ଥିତ ବିଜେପି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଗତ ୨୩ ତାରିଖ ଅନୁଷ୍ଠିତ ହୋଇଯାଇଛି କ୍ଷ କୋଲାବିରା ବ୍ଲକର ୩୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି । ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଉପସ୍ଥିତିରେ ନୂତନ କର୍ମୀମାନଙ୍କୁ ଦଳକୁ ସ୍ୱାଗତ କରାଯାଇଥିଲା । ଏହି ସମାରୋହରେ ବିଜେପି ନେତା ହେମରଞ୍ଜନ ସିଂ, ଶଙ୍କର ଦେଓ ଏବଂ ଜୟପ୍ରକାଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ବିଧାୟକ ଶ୍ରୀ ତ୍ରିପାଠୀ ନୂତନ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ମିଶ୍ରଣ ଦ୍ୱାରା କୋଲାବିରା ଅଞ୍ଚଳରେ ଦଳୀୟ ସଂଗଠନ ଆହୁରି ମଜବୁତ ହେବ ଏବଂ କର୍ମୀଙ୍କ ମଧ୍ୟରେ ନୂତନ ଉତ୍ସାହ ଭରିବ ବୋଲି ଆଶାପ୍ରକଟ କରିଛନ୍ତି ।

# ଏମଏମଡିଆର ବିରୁଦ୍ଧରେ ପ୍ରତିବାଦ ପାଇଁ ଇଣ୍ଡିଆ ମେଣ୍ଟର ପ୍ରସ୍ତୁତି ବୈଠକ




ଭୁବନେଶ୍ୱର, ୨୪/୮ : ୨୩ ଅଗଷ୍ଟ ୨୬ MMDR ବିଲ ବିରୁଦ୍ଧରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା ଙ୍କ ନେତୃତ୍ୱରେ ବରିଷ୍ଠ ନେତା ସୁର ରାଉତରାୟଙ୍କ ଉପସ୍ଥିତିରେ ସଭୟସବ ମେଣ୍ଟର ସବୁ ରାଜନୈତିକ ଦଳ ପ୍ରତିନିଧି ଯୋଗ ଦେଇ ଗଗଉଜ ବିଲ କୁ ଦୃଢ଼ ବିରୋଧ କରି ଥିଲେ.. ଏହି ବିଲ ଦ୍ୱାରା ଓଡିଶା ଭଳି ଗରିବ ରାଜ୍ୟ ର ଆମ ପିଲା ଛୁଆ ଙ୍କ ଭବିଷ୍ୟତ ଅନ୍ଧକାର କୁ କେନ୍ଦ୍ର ବିଜେପି ସରକାର ଠେଲି ଦେଇ ଘୋର କ୍ଷତି କରିଚ଼ି କହିବାକୁ ଗଲେ କେନ୍ଦ୍ର ସରକାର ଓଡିଶା ବାସି ଙ୍କ ମୌଳିକ ଅଧିକାର ଛଡେଇ ନେଇଛି.. ଓଘଉଓଇ ମେଣ୍ଟ ର ନିଷ୍ପତି ନିଆଗଲା କାଲି ଠାରୁ ଜନଜଗରଣ ସୃଷ୍ଟି କରି ସାଧାରଣ ଜନତା ଙ୍କୁ ସଚେତନ କରିବା ପାଇଁ ଆସନ୍ତା କାଲି ଠାରୁ ଇଣ୍ଡିଆ ମେଣ୍ଟର ଶୋଭାଯାତ୍ରା ମଶାଲ ଶୋଭାଯାତ୍ରା ଭଳି କାର୍ଯ୍ୟକ୍ରମ କରିବାକୁ ନିଷ୍ପତି ନିଆଗଲା. ଯଦି ସରକାର ଏହି ଗଗଉଜ ବିଲ କୁ ପ୍ରତ୍ୟାହାର ନକରନ୍ତି ଦରକାର ପଡିଲେ ଓଘଉଓଇ ମେଣ୍ଟ ଆସନ୍ତା ସେପ୍ଟେମ୍ବର ମାସ ରେ ଓଡିଶା ବନ୍ଦ କରିବାକୁ ବଡ଼ ନିଷ୍ପତି ନେଇପାରନ୍ତି ବୋଲି ପ୍ରକାଶ ପାଇଛି ।

ଆଜିର ପ୍ରସ୍ତୁତି ବୈଠକରେ ମହେନ୍ଦ୍ର ପରିଡା, ପ୍ରତାପ କିଶୋର ବାରିକ, ସୁରୁ ଜେନା ପ୍ରଭାତ ପାଣିଗ୍ରାହୀ, ସୁରେନ୍ଦ୍ର ବେହେରା, କୈଳାଶ ପୁହାଣ, ଚ଼ମରୁ ସୋରେନ, ବ୍ୟାସ ସାହୁ ମନୋଜ ଦାସ, ଏସଏମ ରାୟ, ମିହିର ଆଚ଼ାର୍ଯ୍ୟ, ମୁକେଶ ପ୍ରଧାନ, ମୋହନ ଜେନା ପ୍ରଧାନ ପ୍ରମୁଖ ବିଭିନ୍ନ ରାଜନୈତିକ ଦଳରୁ ପ୍ରତିନିଧିତ୍ୱ କରିଥିଲେ ।

# କଂଗ୍ରେସର ସଂଗଠନ ସୃଜନ ପ୍ରକ୍ରିୟାରେ କଂଗ୍ରେସ ସଂଗଠନ ତୃଣମୂଳ ସ୍ତରରେ ସୁଦୃଢ଼ ହେବ

ନୂଆଦିଲ୍ଲୀ, ୨୪/୮ :କଂଗ୍ରେସ ସଂଗଠନ କଂଗ୍ରେସର ସଂପ୍ରତି ଚାଲିଥିବା ସଂଗଠନ ସୃଜନ ପ୍ରକ୍ରିୟାରେ ସାରା ଦେଶରେ ତୃଣମୂଳ ସ୍ତରରୁ କଂଗ୍ରେସ ସଂଗଠନ ଅଧିକ ସୁଦୃଢ଼ ଓ ସକ୍ରୀୟ ହେବ ବୋଲି ଆଜି ପିଲିଭିଟ୍ ଜିଲ୍ଲାର ପୁରଣପୁର ଠାରେ ଅନୁଷ୍ଠିତ ବ୍ଲକ ସ୍ତରୀୟ ସମ୍ମିଳନୀରେ ୟୁପିର ପିଲିଭିଟ୍ ଜିଲ୍ଲା ଓ ସହର ପାଇଁ ନିଯୁକ୍ତ ପ୍ରହାରୀ ଡ. ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି। ଗତକାଲି ଲୋକସଭାର ବିରୋଧିଦଳର ନେତା ରାହୁଲ ଗାନ୍ଧୀଙ୍କର ଧାରଣା ପରେ ଜୁଲାଇ ୨୦ ତାରିଖରେ ଛାତ୍ରମାନଙ୍କ ଉପରେ ହୋଇଥିବା ପ୍ୟାଲେଟ୍ ଗୁଳି ଚାଳନା ବିରୁଦ୍ଧରେ ପାଲ୍‌ମେଣ୍ଟ ସିଟ୍‌ରେ ଏଫଆଇଆର ଘଟଣା ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳର ଏକ ବିରାଟ ସଫଳତା। ସାଂପ୍ରତିକ ପରିସ୍ଥିତିରେ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାରଙ୍କର ଅମାପ ଅର୍ଥ ଓ ସରକାରୀ କ୍ଷମତା ବିରୁଦ୍ଧରେ ଲଢ଼ିବା ପାଇଁ ନିଜ ଭିତରେ ଥିବା ସମସ୍ତ ଦ୍ୱନ୍ଦକଳ ଭୁଲି ଆମର ପ୍ରିୟ ନେତା ରାହୁଲ ଗାନ୍ଧୀଙ୍କ ପଛରେ ଏକଜୁଟ ହେବା ପାଇଁ ଆହ୍ୱାନ ଦେଇଛନ୍ତି। ୟୁପିରେ ଚାଲିଥିବା ସଂଗଠନ ସୃଜନ ଅଭିଯାନ ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ତରଫରୁ ୧୧୨ଜଣ ବରିଷ୍ଠ ନେତାଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ୩୦ ତାରିଖ ସୁଧା ଦାଖଲ କରିବେ ଏବଂ ୨ ତାରିଖରେ କଂଗ୍ରେସର ସଂଗଠନ ସାଧାରଣ ସମ୍ପାଦକ କେ.ସି ଭେନୁଗୋପାଳଙ୍କ ସହ ଆଲୋଚନା ପରେ ମନୋନିତ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରାଯିବ ବୋଲି ଡ. ଖୁଣ୍ଟିଆ କହିଛନ୍ତି। ସଂଗଠନ ସୃଜନ ଏହି ପ୍ରକ୍ରିୟାରେ ପ୍ରାୟ ସମସ୍ତ ରାଜ୍ୟ ଜିଲ୍ଲା କମିଟି, ବୁଥ କିମିଟି, ବ୍ଲକ କମିଟି ଗଠିତ ହୋଇସାରିଛି। ସଂପ୍ରତି ଉତ୍ତର ପ୍ରଦେଶର ସଂଗଠନ ସୃଜନ ପ୍ରକ୍ରିୟା ୨୫ ତାରିଖରେ ଶେଷ ହେଲା ପରେ କେବଳ କେରଳ ଓ ଆସାମ ରାଜ୍ୟରେ ସଂଗଠନ ସୃଜନ ପ୍ରକ୍ରିୟା ବାକି ରହିବ।

### ଏମ୍ଏମଡିଆର ଆମେଣ୍ଡମେଣ୍ଟ ଆକ୍ଟ ପ୍ରସଙ୍ଗ

# ଓଡିଶା ସ୍ୱାର୍ଥକୁ ଜଳାଞ୍ଜଳି ଦେଲେ ବିଜେପି ସାଂସଦ: ବିଜେଡି



ଭୁବନେଶ୍ୱର, ୨୪/୮ : ଏମଏମଡିଆର ଆମେଣ୍ଡମେଣ୍ଟ ଆକ୍ଟ ସଂସଦରେ ପାରିତ ହେବା ଦ୍ୱାରା ଓଡିଶାର ବ୍ୟାପକ କ୍ଷତି ହେବ । ତେବେ ଓଡିଶାରୁ ନିର୍ବାଚ଼ିତ ହୋଇଥିବା ବିଜେପି ସାଂସଦ ମାନେ ଏ ବାବଦରେ ସଂସଦରେ ମୁଁହ ଖୋଲିଲେ ନାହିଁ । ଏନେଇ ବିଜୁ ଜନତା ଦଳ ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ପ୍ରୀତିରଞ୍ଜନ ଘଡେଇ ଓ ଚ଼ାନ୍ଦବାଲି ବିଧାୟକ ଶ୍ରୀ ବ୍ୟୋମକେଶ ରାୟ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି ।

ଶ୍ରୀ ଘଡେଇ କହିଛନ୍ତି ଯେ, ଉକ୍ତ ଆକ୍ଟକୁ ବିଜେପି ସରକାର ବିନା ଆଲୋଚ଼ନାରେ ସଂସଦରେ ପାରିତ କରାଇଛନ୍ତି । ଏହା ଦ୍ୱାରା ଓଡିଶା ବ୍ୟାପକ କ୍ଷତି ସହିବ । ରାଜ୍ୟର ସମସ୍ତ ଖଣି ଗୁଡିକର ରାଜସ୍ୱ କେନ୍ଦ୍ର ସରକାରଙ୍କ ଅଧିନକୁ ଚ଼ାଲିଯିବ । ଖଣିଜ ସମ୍ପଦରେ ଭରା ଓଡିଶାର ଖଣି ରାଜସ୍ୱ କେନ୍ଦ୍ର ସରକାରଙ୍କୁ ଟେକି ଦିଆଯାଇଛି । କିନ୍ତୁ ଏ ବାବଦରେ ବିଜେପି ସାଂସଦ ମାନେ ସଂସଦରେ ମୁଁହ ଖୋଲିଲେ ନାହିଁ । ଓଡିଶା ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ସଂସଦରେ ଚୁପ ରହିଲେ । ସଂସଦରେ ଆକ୍ଟ ବାବଦରେ ମୁଁହ ଖୋଲି ପ୍ରଶ୍ନ ମଧ କରିଲେ ନାହିଁ । ରାଜ୍ୟ ସ୍ୱାର୍ଥ ବିରୋଧରେ ଭୋଟ ଦେଇ ରାଜ୍ୟର ବ୍ୟାପକ କ୍ଷତି ହେବାକୁ ସମର୍ଥନ ଜଣାଇଛନ୍ତି । ଯାହାକୁ ଓଡିଶା ବାସୀ କେବେ ଭୁଲି ପାରିବେ ନାହିଁ । ବିଜେପି ହେଉଛି ବ୍ୟବସାୟୀ ମାନଙ୍କ ପାର୍ଟି । ବ୍ୟବସାୟୀ ମାନଙ୍କ ହିତକୁ ପ୍ରାଧାନ୍ୟ ଦେବାକୁ ବିଜେପି ଦଳ ଓଡିଶାକୁ ଲୁଣ୍ଠନ କରିବା ଯୋଜନା କରିଛନ୍ତି । ରାଜ୍ୟବାସୀଙ୍କ ସ୍ୱାର୍ଥକୁ ବାଦ୍ ଦେଇ ଖଣି ମାଲିକଙ୍କ ସୁବିଧା ପାଇଁ ଏମଏମଡିଆର ଆକ୍ଟକୁ ସଂଶୋଧନ କରିଛନ୍ତି । ଏହିପରି କାର୍ଯ୍ୟକଳାପକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି । ଖଣି ଖାଦାନ ଉପରେ ପ୍ରତ୍ୟେକ ରାଜ୍ୟର ଆଇନଗତ ଓ ସାମ୍ବିଧାନିକ ଅଧିକାର ରହିଛି । ଜୁଲାଇ ୨୦୨୪ରେ ମାନ୍ୟବର ସର୍ବ ?ଚ୍ଚ଼ ନ୍ୟାୟାଳୟର ୯ ଜଣିଆ ଖଣ୍ଡପୀଠ ଏହା ଉପରେ ବିଚ଼ାର କରି ଖଣି ଓ ଖଣିର ଜମି ଉପରେ ରାଜ୍ୟ ମାନଙ୍କର ଅଧିକାର ରହିଛି, ତେଣୁ ରାଜ୍ୟମାନେ ଖଣିଜ ପଦାର୍ଥ ଉପରେ ଲେଭି ଓ ଟ୍ୟାକ୍ସ ଲଗାଇ ପାରିବେ ବୋଲି ମତ ଦେଇଥିଲେ । ଏହି ବିଚ଼ାରରେ, ୧ ଏପ୍ରିଲ ୨୦୦୫ରୁ ଖଣି ମାଲିକ ମାନଙ୍କ ଠାରୁ ବକେୟା ଟ୍ୟାକ୍ସ ଆଦାୟ କରିପାରିବେ ବୋଲି ଉଚ୍ଚ଼ତମ ନ୍ୟାୟାଳୟ କହିଥିଲେ । ସେହି ଅନୁସାରେ, ଓଡିଶା କେବଳ ବକେୟା ଆକାରରେ ଦେ ? ଲକ୍ଷ କୋଟି ଟଙ୍କା ଆଦାୟ କରିପାରିବ ବୋଲି ଆକଳନ ହୋଇଥିଲା । ଏହାଛଡା ପ୍ରତିବର୍ଷ ଖଣି ରାଜସ୍ୱ ଅଧିକ ୧୨,୦୦୦ କୋଟି ଟଙ୍କା ଆଦାୟ ହେବ ବୋଲି ଆକଳନ ହୋଇଥିଲା । କିନ୍ତୁ ଏମଏମଡିଆର ଆମେଣ୍ଡମେଣ୍ଟ ଆକ୍ଟ ଜରିଆରେ ଓଡିଶାର ନ୍ୟାର୍ଯ୍ୟ ପ୍ରାପ୍ୟକୁ କେନ୍ଦ୍ର ସରକାର ହଡପ କରିଦେଲେ । ଦୁଃଖ ଓ ପରିତାପର ବିଷୟ ଯେ, ଓଡିଶାରୁ ନିର୍ବାଚ଼ିତ ବିଜେପିର ୨୦ ଲୋକସଭା ସାଂସଦ ଓ ୫ ରାଜ୍ୟସଭା ସାଂସଦ, ଓଡିଶା ବିରୋଧୀ ଆକ୍ଟକୁ ହାତ ଟେକି ସମର୍ଥନ କରିଥିଲେ । ବିଜେପି ଦଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ଭଳି କଥା ନକହି ଯଦି ସତ୍ସାହସ ଅଛି ତେବେ ଖୋଲା ମଞ୍ଚରେ ବିତର୍କ କରିବା ପାଇଁ ବିଜେଡି ପକ୍ଷରୁ ଆହ୍ୱାନ କରିଛନ୍ତି । ଖଣିର ରାଜସ୍ୱ ଅର୍ଥ ଦ୍ୱାରା ଓଡିଶାର ଅନେକ ହିତ୍ ସାଧନ ହୋଇପାରିଥାନ୍ତା । କିନ୍ତୁ ବିଜେପି ଦଳ ପାଇଁ ଓଡିଶା କ୍ଷତି ସହିବ । ସୁପ୍ରିମକୋର୍ଟ ରାଜ୍ୟର ଖଣିଜ ସମ୍ପଦରୁ ରାଜସ୍ୱ ଆଦାୟ କରିବା ନେଇ ଯେଉଁ ଅଧିକାର ଦେଇଥିଲେ ତାହାକୁ ଉକ୍ତ ଆକ୍ଟ ଜରିଆରେ ବିଜେପି ଛଡାଇ ନେଲା । ରାଜ୍ୟର ବିକାଶ ପାଇଁ ଖଣି କ୍ଷେତ୍ରରୁ ଆଦାୟ ରାଜସ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । କିନ୍ତୁ ଦୁର୍ଭାଗ୍ୟର ବିଷୟ ବିଜେପି ସରକାର ଏମ୍ଏମଡିଆର ଆକ୍ଟ ଆଣିବା ପରେ ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଖଣି କ୍ଷେତ୍ରରୁ ଟିକସ୍ ଆଦାୟ କ୍ଷମତା କେନ୍ଦ୍ର ହାତକୁ ଟେକି ଦେଇଛି । ଯାହା ଦ୍ୱାରା ଓଡିଶାର ଆଗାମୀ ଭବିଷ୍ୟତର ପି ? ସୁରକ୍ଷିତ କରିବାକୁ ବିଜେପି ସରକାର ଅବରୋଧ କରିଛନ୍ତି । ଆଗାମୀ ଦିନରେ ଏହାକୁ ବିରୋଧ କରି ବିଜେଡି ପକ୍ଷରୁ ଦୃଢ ପ୍ରତିବାଦ କରାଯିବ ।

ସେହିପରି ଶ୍ରୀ ରାୟ କହିଛନ୍ତି ଯେ, ଏମଏମଡିଆର ଆମେଣ୍ଡମେଣ୍ଟ ଆକ୍ଟ ଯୋଗୁଁ ଓଡିଶାର ଅନେକ କ୍ଷତି ହେବ । ଯାହାକୁ ନେଇ ରାଜ୍ୟସାରା ସମସ୍ତ ବର୍ଗଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ରତ୍ନଗର୍ଭା ଓଡିଶା ଖଣିଜ ସମ୍ପଦର ଲୁଟିବା ପାଇଁ ବିଜେପି ପକ୍ଷରୁ ଏକ ଷଡଯନ୍ତ୍ର କରାଯାଇଛି । ଏଥିପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ, ସମସ୍ତ ବିଜେପି ସାଂସଦ ଓ ନେତୃତ୍ୱଗଣ ଦାୟୀ । କେନ୍ଦୁଝର ଭଳି ଖଣିଜ ସମ୍ପଦ ଭରା ଜିଲ୍ଲାରୁ ଶ୍ରୀ ମୋହନ ଚ଼ରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା । କେବଳ ଓଡିଶାର ଖଣିଜ ସମ୍ପଦ ଲୁଟିବା ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା ବୋଲି ବର୍ତ୍ତମାନ ଜଣାପଡୁଛି । ଝାଡଖଣ୍ଡ ରାଜ୍ୟ ତାହାର ବକେୟା ରାଜସ୍ୱ ଆଦାୟ କରିପାରିଥିବା ବେଳେ ଓଡିଶା ୧ଲକ୍ଷ କୋଟିରୁ ଉଦ୍ଧ୍ୱର୍ ଟଙ୍କା ଆଦାୟ କରି ପାରୁନାହିଁ ବୋଲି ପ୍ରଶ୍ନ କରିଛନ୍ତି । ଉକ୍ତ ଅର୍ଥ ରାଜ୍ୟର ଉନ୍ନତି ପାଇଁ ବିନିଯୋଗ ହୋଇପାରିଥାନ୍ତା କିନ୍ତୁ ତାହା ନହୋଇ ରାଜ୍ୟବାସୀଙ୍କ କ୍ଷତି ହୋଇଛି । ବିଜେଡି ଶାସନ ସମୟରେ ସମୃଦ୍ଧଶାଳୀ ଓଡିଶାକୁ ଗରିବୀ ଆଡକୁ ନେବାକୁ ବିଜେପି ସରକାର ଯୋଜନା କରିଛି । ଖଣିରୁ ସେସ୍ ଓ ଟିକସ ଆଦାୟ ଓଡିଶା ସ୍ୱାର୍ଥ ଦୃଷ୍ଟିରୁ ନିତ୍ୟାନ୍ତ ଜରୁରୀ ଓ ବକେୟା ଖଣି ରାଜସ୍ୱ ନ ମିଳିଲେ ଓଡିଶାର ବ୍ୟାପକ କ୍ଷତି ହେବ । ଯାହାକୁ ନେଇ ସଂସଦରେ ଏକ ସ୍ୱତନ୍ତ୍ର ପର୍ଯ୍ୟାୟ ଆଲୋଚ଼ନା କରିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଦାବି ଉପସ୍ଥାପନ କରିଛନ୍ତି । କିନ୍ତୁ ବିଜେପି ନିଜର ଦୋଷ ତ୍ରୁଟିକୁ ଲୁଚ଼ାଇବା ପାଇଁ ତାହା କରୁନାହିଁ ।

# ବାର୍ କାଉନସିଲ୍ ଅଫ ଇଣ୍ଡିଆ ଚେୟାରମ୍ୟାନଙ୍କ ଇସ୍ତଫା ଦାବି




ଭୁବନେଶ୍ୱର,, ୨୪/୮: ବାର୍ କାଉନସିଲ୍ ଅଫ ଇଣ୍ଡିଆ ଚେୟାରମନ୍ୟାନ ମନନ ମିଶ୍ରଙ୍କ ଇସ୍ତଫା ଦାବି କରି ଅଲ ଇଣ୍ଡିଆ ଲୟର୍ସ ୟୁନିୟନ ତରଫରୁ ଗତକାଲି ଭୁବନେଶ୍ୱର ଜିଲ୍ଲା କୋର୍ଟ ସମ୍ମୁଖରେ ବିକ୍ଷୋ ପ୍ରଦର୍ଶନ କରାଯାଇଥିଲା। ଅଲ ଇଣ୍ଡିଆ ଲୟର୍ସ ୟୁନିୟନ ପକ୍ଷରୁ ଦର୍ଶାଯାଇଛି ଆଡ଼ଭୋକେଟ ଆକ୍ଟ, ୧୯୬୧ ଦ୍ୱାରା ସମସ୍ତ ରାଜ୍ୟ ଆଇନଜୀବୀ ପରିଷଦ ଓ ବାର୍ କାଉନସିଲ୍ ଅଫ ଇଣ୍ଡିଆ ନିଜର କାର୍ଯ୍ୟଧାରା ଚଳାଇ ରଖନ୍ତି। ଓକିଲଙ୍କ ସାମ୍ବିଧାନିକ ଅଧିକାର, ସାମାଜିକ, ନିରାପତ୍ତା, ସୁରକ୍ଷା, ନ୍ୟାୟିକ ଶିକ୍ଷାର ଅଗ୍ରଗତି ପାଇଁ ରାଜ୍ୟ ବାର୍‌ର ଓକିଲମାନେ ଓ ଭାରତର ଆଇନଜୀବୀ ପରିଷଦ ସାମ୍ବିଧାନିକ ସଂସ୍ଥା ଭାବେ ଆଇନଜୀବୀ ବୃତ୍ତିର ମର୍ଯ୍ୟାଦା ଓ ସ୍ୱାଧୀନତାର ସୁରକ୍ଷା କରିବା ପ୍ରମୁଖ କର୍ତ୍ତବ୍ୟ। ରାଜ୍ୟ ଆଡ଼ଭୋକେଟ ପରିଷଦ ଓ ବାର୍ କାଉନସିଲ୍ ଅଫ ଇଣ୍ଡିଆ ଗଣତାନ୍ତ୍ରିକ ଚରିତ୍ର, ସ୍ୱାଧୀନତା ବଜାୟ ରଖି ଦେଶର ପ୍ରାୟ ୨୮ ଲକ୍ଷ ଓକିଲଙ୍କ ପାଇଁ ଯାହା କରଣୀୟ ତାକୁ ପ୍ରାଥମିକତା ଦେବା ଆବଶ୍ୟକ। କିନ୍ତୁ ବାର୍ କାଉନସିଲ୍ ଅଫ ଇଣ୍ଡିଆର ଚେୟାରମ୍ୟାନ ଶ୍ରୀଯୁକ୍ତ ମନନ ମିଶ୍ର ନିଜ ପଦବୀର ଦୂରୁପଯୋଗ କରି ଆଡ଼ଭୋକେଟ ଆକ୍ଟକୁ ବେଖାତିର କରି ଆଇନ ଡିଗ୍ରୀ ପାଉଥିବା ଛାତ୍ରଛାତ୍ରୀଙ୍କୁ ଆଇନ ପେଷାର ଲାଇସେନ୍ସ ପ୍ରଦାନ ନ କରିବାକୁ ରାଜ୍ୟ ପରିଷଦକୁ ନିର୍ଦ୍ଦେଶ ଦେବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ମନୋମୁଖୀ କାର୍ଯ୍ୟ।

ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ ତରଫରୁ ଶ୍ରୀ ମିଶ୍ରଙ୍କ ବିରୋଧରେ ସମଗ୍ର ଭାରତରେ ନିନ୍ଦା ପ୍ରସ୍ତାବ ସହିତ ଗତ ୨୧.୦୮.୨୦୨୬ରିଖ ଶୁକ୍ରବାର ଭୁବନେଶ୍ୱର ବାର୍ ସମ୍ମୁଖରେ ଓକିଲମାନେ ଇସ୍ତଫା ଦାବି କରି ବିକ୍ଷୋଭ କରିଥିଲେ। ଶ୍ରୀ ମିଶ୍ର କ୍ଷମତାର ଦୂରୁପଯୋଗ କରି ରାଜନୈତିକ ଚାପ ପକାଇ ଆଜକୁ ୧୪ ବର୍ଷ ଧରି ଅଗଣତାନ୍ତ୍ରିକ ଭାବେ ଚେୟାରମ୍ୟାନ ପଦବୀ ମାଡ଼ି ବସିଛନ୍ତି। ରାଜ୍ୟ ପରିଷଦମାନଙ୍କ ସ୍ୱାଧୀନତାରେ ଅଯଥା ହସ୍ତକ୍ଷେପ କରି ମର୍ଯ୍ୟାଦା ହାନି କରିଛନ୍ତି। ନିର୍ବାଚନରେ ଓକିଲମାନଙ୍କୁ ବିଭିନ୍ନ ରାଜ୍ୟର ନିଜର ବ୍ୟକ୍ତିଙ୍କୁ ବାର୍ କାଉନସିଲ୍ ଅଫ ଇଣ୍ଡିଆକୁ ମନୋନୀତ କରି ପଦବୀ ମାଡ଼ି ବସିଛନ୍ତି। ଯାହାକି ମନୋମୁଖୀ, ଅଗଣତାନ୍ତ୍ରିକ ଓ ଅନ୍ୟାୟ ଅଟେ। ଏହି ବିକ୍ଷୋଭ ପ୍ରଦର୍ଶନରେ ଅଲ ଇଣ୍ଡିଆ ଲୟର୍ସ ୟୁନିୟନର ଖୋର୍ଦ୍ଧାଜିଲ୍ଲା ସଭାପତି ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ରାଉତରାୟ, ଶୁଭ୍ରାଂଶୁ ଉଦ୍‌ଗାତା, ଦିବାକର ମିଶ୍ର, ନିହାର, ଦେବୀ ପ୍ରସାଦ, ଅୟସକାନ୍ତ ତ୍ରିପାଠୀ, କିରଣ କୁମାର ବେହେରା ଓ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ।

# ଚ଼ିନ୍ତା ଓ ଚେତନାର ୪୯ତମ ବାର୍ଷିକ ମହୋତ୍ସବ ଆଜିଠାରୁ ବନ୍ୟାପ୍ରଭାବିତଙ୍କ ସହାୟତା ପାଇଁ ହେବ କାର୍ଯ୍ୟକ୍ରମ

ଭୁବନେଶ୍ୱର,, ୨୪/୮: ପ୍ରତିଷ୍ଠିତ ସାହିତ୍ୟ, ସଂସ୍କୃତି ଓ ସମାଜସେବା ଅନୁଷ୍ଠାନ 'ଚ଼ିନ୍ତା ଓ ଚେତନା'ର ୪୯ତମ ବାର୍ଷିକ ମହୋତ୍ସବ ଆସନ୍ତା ଅଗଷ୍ଟ ୨୫ରୁ ୨୭ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଏନେଇ ଅନୁଷ୍ଠାନ ପକ୍ଷରୁ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହାର ମହାସଚ଼ିବ ସୁରେନ୍ଦ୍ର ଦାସ ସୂଚ଼ନା ଦେଇଥିଲେ।

ସେ କହିଥିଲେ ଯେ, ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ୧୯୭୮ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଓଡିଶା ସମେତ ଦେଶ ଓ ବିଦେଶରେ ଏକ ସୁପରିଚ଼ିତ ସାଂସ୍କୃତିକ ସଂଗଠନ ଭାବେ ଖ୍ୟାତି ଅର୍ଜନ କରିଛି। ଏହାର ଦୀର୍ଘ ଯାତ୍ରାରେ ବିଶିଷ୍ଟ ବ୍ୟକ୍ତିତ୍ୱ ଓ କଳାକାରମାନେ ଜଡିତ ରହିଛନ୍ତି।

ଚ଼ଳିତ ବର୍ଷର ମହୋତ୍ସବର ଏକ ବିଶେଷ ଉଦ୍ଦେଶ୍ୟ ରହିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ 'ଚ଼ିନ୍ତା ଓ ଚେତନା' ପକ୍ଷରୁ ସହାୟତା ଓ ପୁନର୍ବାସ କାର୍ଯ୍ୟ ଜାରି ରହିଛି। ଏହି ମହୋତ୍ସବ ଅବସରରେ ବନ୍ୟା ଦୁର୍ଗତଙ୍କ ସହାୟତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ।

ତିନି ଦିନିଆ ଏହି ମହୋତ୍ସବରେ ଭାରତବର୍ଷର ବିଶିଷ୍ଟ ଶାସ୍ତ୍ରୀୟ କଳାକାରଙ୍କ ସହ ଓଡିଶୀ ନୃତ୍ୟ ଓ ସଙ୍ଗୀତର ପ୍ରସିଦ୍ଧ କଳାକାରମାନେ ଅଂଶଗ୍ରହଣ କରିବେ। ଓଡିଶାର




ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ, ସଙ୍ଗୀତଜ୍ଞ ଓ ବାଦ୍ୟଶିଳ୍ପୀମାନେ ମଧ ନିଜର କଳା ପ୍ରଦର୍ଶନ କରିବେ।ଚ଼ିନ୍ତା ଓ ଚେତନାର ୪୯ତମ ବାର୍ଷିକ ମହୋତ୍ସବ ୨୫ରୁ, ବନ୍ୟାପ୍ରଭାବିତଙ୍କ ସହାୟତା ପାଇଁ ହେବ କାର୍ଯ୍ୟକ୍ରମ

ଭୁବନେଶ୍ୱର, ଅଗଷ୍ଟ ୨୨: ପ୍ରତିଷ୍ଠିତ ସାହିତ୍ୟ, ସଂସ୍କୃତି ଓ ସମାଜସେବା ଅନୁଷ୍ଠାନ 'ଚ଼ିନ୍ତା ଓ ଚେତନା'ର ୪୯ତମ ବାର୍ଷିକ ମହୋତ୍ସବ ଆସନ୍ତା ଅଗଷ୍ଟ ୨୫ରୁ ୨୭ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଏନେଇ ଅନୁଷ୍ଠାନ ପକ୍ଷରୁ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହାର ମହାସଚ଼ିବ ସୁରେନ୍ଦ୍ର ଦାସ ସୂଚ଼ନା ଦେଇଥିଲେ।ସେ କହିଥିଲେ ଯେ, ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ୧୯୭୮ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଓଡିଶା ସମେତ ଦେଶ ଓ ବିଦେଶରେ ଏକ ସୁପରିଚ଼ିତ ସାଂସ୍କୃତିକ ସଂଗଠନ ଭାବେ ଖ୍ୟାତି ଅର୍ଜନ କରିଛି। ଏହାର ଦୀର୍ଘ ଯାତ୍ରାରେ ବିଶିଷ୍ଟ ବ୍ୟକ୍ତିତ୍ୱ ଓ କଳାକାରମାନେ ଜଡିତ ରହିଛନ୍ତି।

ଚ଼ଳିତ ବର୍ଷର ମହୋତ୍ସବର ଏକ ବିଶେଷ ଉଦ୍ଦେଶ୍ୟ ରହିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ 'ଚ଼ିନ୍ତା ଓ ଚେତନା' ପକ୍ଷରୁ ସହାୟତା ଓ ପୁନର୍ବାସ କାର୍ଯ୍ୟ ଜାରି ରହିଛି। ଏହି ମହୋତ୍ସବ ଅବସରରେ ବନ୍ୟା ଦୁର୍ଗତଙ୍କ ସହାୟତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ।

ତିନି ଦିନିଆ ଏହି ମହୋତ୍ସବରେ ଭାରତବର୍ଷର ବିଶିଷ୍ଟ ଶାସ୍ତ୍ରୀୟ କଳାକାରଙ୍କ ସହ ଓଡିଶୀ ନୃତ୍ୟ ଓ ସଙ୍ଗୀତର ପ୍ରସିଦ୍ଧ କଳାକାରମାନେ ଅଂଶଗ୍ରହଣ କରିବେ। ଓଡିଶାର ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ, ସଙ୍ଗୀତଜ୍ଞ ଓ ବାଦ୍ୟଶିଳ୍ପୀମାନେ ମଧ ନିଜର କଳା ପ୍ରଦର୍ଶନ କରିବେ।

ମହୋତ୍ସବ ଅବସରରେ କେନ୍ଦ୍ର ସରକାରଙ୍କ ଅନୁମୋଦନ କ୍ରମେ ଅନ୍ତର୍ଜାତୀୟ ସମାଜସେବୀ, ବରିଷ୍ଠ ସେନା ଅଧିକାରୀ, ସାହିତ୍ୟିକ ଓ କଳାକାରମାନଙ୍କୁ ସମ୍ମାନିତ କରାଯିବ। ବିଭିନ୍ନ ସନ୍ଧ୍ୟାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ ବୋଲି ଆୟୋଜକମାନେ କହିଛନ୍ତି।

ଏହି ମହୋତ୍ସବ ଆୟୋଜନରେ କେନ୍ଦ୍ର ଓ ରାଜ୍ୟ ସରକାର, ଓଡିଶା ପୁଲିସ, ସେନାବାହିନୀ, ଦୂରଦର୍ଶନ, ଓଡିଶା ଲାଇଭ୍, ସ୍ୱରାଜ ଓ ଧରିତ୍ରୀ ପରି ବିଭିନ୍ନ ସଂସ୍ଥା ସହଯୋଗ କରୁଛନ୍ତି। ଆସନ୍ତା ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଏକ ଉଚ୍ଚ଼ସ୍ତରୀୟ କମିଟି ଗଠନ କରାଯାଇଥିବା ମଧ ସୂଚ଼ନା ଦିଆଯାଇଛି।ସାମ୍ବାଦିକ ସମ୍ମିଳନୀରେ ସଭାପତି ସହଦେବ ସାହୁ, ମହାସଚ଼ିବ ସୁରେନ୍ଦ୍ର ଦାସ, ଡକ୍ଟର ଶ୍ରୀନିବାସ ଘଟୁଆରୀ, ତୁଳସୀ ମହାନ୍ତି, ଉଦିତ୍ ନାରାୟଣ ମହାନ୍ତି, ରେଣୁକା ସେଠୀ ଓ ସଂଯୋଜକ ଅକ୍ଷୟ କୁମାର ସାହୁ ପ୍ରମୂଖ ଉପସ୍ଥିତ ଥିଲେ। ମହୋତ୍ସବ ଅବସରରେ କେନ୍ଦ୍ର ସରକାରଙ୍କ ଅନୁମୋଦନ କ୍ରମେ ଅନ୍ତର୍ଜାତୀୟ ସମାଜସେବୀ, ବରିଷ୍ଠ ସେନା ଅଧିକାରୀ, ସାହିତ୍ୟିକ ଓ କଳାକାରମାନଙ୍କୁ ସମ୍ମାନିତ କରାଯିବ। ବିଭିନ୍ନ ସନ୍ଧ୍ୟାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ ବୋଲି ଆୟୋଜକମାନେ କହିଛନ୍ତି।

ଏହି ମହୋତ୍ସବ ଆୟୋଜନରେ କେନ୍ଦ୍ର ଓ ରାଜ୍ୟ ସରକାର, ଓଡିଶା ପୁଲିସ, ସେନାବାହିନୀ, ଦୂରଦର୍ଶନ, ଓଡିଶା ଲାଇଭ୍, ସ୍ୱରାଜ ଓ ଧରିତ୍ରୀ ପରି ବିଭିନ୍ନ ସଂସ୍ଥା ସହଯୋଗ କରୁଛନ୍ତି। ଆସନ୍ତା ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଏକ ଉଚ୍ଚ଼ସ୍ତରୀୟ କମିଟି ଗଠନ କରାଯାଇଥିବା ମଧ ସୂଚ଼ନା ଦିଆଯାଇଛି।ସାମ୍ବାଦିକ ସମ୍ମିଳନୀରେ ସଭାପତି ସହଦେବ ସାହୁ, ମହାସଚ଼ିବ ସୁରେନ୍ଦ୍ର ଦାସ, ଡକ୍ଟର ଶ୍ରୀନିବାସ ଘଟୁଆରୀ, ତୁଳସୀ ମହାନ୍ତି, ଉଦିତ୍ ନାରାୟଣ ମହାନ୍ତି, ରେଣୁକା ସେଠୀ ଓ ସଂଯୋଜକ ଅକ୍ଷୟ କୁମାର ସାହୁ ପ୍ରମୂଖ ଉପସ୍ଥିତ ଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com
Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati